କୁମାମୋଟୋ ମାଷ୍ଟର୍ସ ଫାଇନାଲରେ ଲକ୍ଷ୍ୟ ସେନ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

TM

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର


The only ISO Certified Odia Newspaper
NS-EN ISO 9001:2008

ବିଦ୍ୟାର୍ଥେ ବାଧିକାରସ୍ତେ ମା ଫଳେଷୁ କଦାଚନ

ମୂଲ୍ୟ ୦୦.୬୬ ପଇସା

8 Pages, ₹ 2.00

● ବର୍ଷ–ତ୍ରୀଂଶ ● ସଂଖ୍ୟା–୨୮୪ ● ୧୫ ନଭେମ୍ବର ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-284 ● 15th November 2026, Sunday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27



ଓଡ଼ିଶାରେ ଆବାସ ବଣ୍ଟନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ସମସ୍ତଙ୍କ ମୁଣ୍ଡ ଉପରେ ପକ୍କାଛାତ ଆମର ସର୍ବୋଚ୍ଚ ପ୍ରାଥମିକତା

ବଲାଙ୍ଗୀର/ଭୁବନେଶ୍ୱର, ୧୪।୧୧
ନ୍ୟୁଜ୍ ବ୍ୟୁରୋ



ଯେତେବେଳେ ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାର ଏକ ସୁରକ୍ଷିତ ପକ୍କା ଘର ତଳେ ନିଶ୍ଚିନ୍ତରେ ରହି ପାରିବେ, ସେତେବେଳେ ଆମ ରାଜ୍ୟ ଦ୍ରୁତ ଗତିରେ ଆଗକୁ ବଢ଼ିଚାଲିବ। ଏକ ବିକଶିତ ଓଡ଼ିଶାର ଆରମ୍ଭ ଆମ ଗାଁରୁ ହୋଇଥାଏ ଏବଂ ସମସ୍ତଙ୍କ ମୁଣ୍ଡ ଉପରେ ଛାତ ଖଣ୍ଡେ ଯୋଗାଇଦେବା ଆମ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ବଲାଙ୍ଗୀରଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପକ୍କା ଘର କେବଳ ଇଟା, ବାଲି ଓ ସିମେଣ୍ଟରେ ତିଆରି ଏକ ଢାଞ୍ଚା ନୁହେଁ; ବରଂ କଚ୍ଚା ଘରେ ରହୁଥିବା ପରିବାର ପାଇଁ ଏହା ସମ୍ମାନର ସହ ସୁରକ୍ଷିତ ଆଶ୍ରୟ ଏବଂ ଉଜ୍ଜ୍ୱଳ ଭବିଷ୍ୟତର ମୂଳଦୁଆ। ବିଶେଷକରି ଦୁର୍ଗମ, ପାହାଡ଼ିଆ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳର ଲୋକଙ୍କ ସୁରକ୍ଷା ପାଇଁ ସରକାର ପ୍ରତିବଦ୍ଧ।

୨୦୧୪-୧୫ ଆର୍ଥିକ ବର୍ଷଠାରୁ ଓଡ଼ିଶାରେ ବିଭିନ୍ନ ଗ୍ରାମୀଣ ଆବାସ ଯୋଜନା ଅଧୀନରେ ୪୧ ଲକ୍ଷରୁ ଅଧିକ ପକ୍କା ଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଗତ ୨ ବର୍ଷ ମଧ୍ୟରେ ୫ ଲକ୍ଷ ୬୬ ହଜାରରୁ ଅଧିକ ଘର ନିର୍ମାଣ ଶେଷ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱରେ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ' ଅଧୀନରେ ରାଜ୍ୟକୁ ମଞ୍ଜୁର ହୋଇଥିବା ମୋଟ ୨୮ ଲକ୍ଷ ୬ ହଜାର ଘର ମଧ୍ୟରୁ ୨୫ ଲକ୍ଷ ୫୮ ହଜାର ଘର ନିର୍ମାଣ ଶେଷ ହୋଇଛି। ଏହି ଯୋଜନାରେ ଘର ସହିତ ଶୌଚାଳୟ, ପାଇପ୍ ଯୋଗେ ପାନୀୟ ଜଳ, ରନ୍ଧନ ଗ୍ୟାସ୍ ଓ ବିଦ୍ୟୁତ୍ ଭଳି ମୌଳିକ ସୁବିଧା ଯୋଗାଇ ଦିଆଯାଉଛି।

କେନ୍ଦ୍ର ଗ୍ରାମୀଣ ବିକାଶ ଓ କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ଓଡ଼ିଶା ମାଟିକୁ ସ୍ୱାଗତ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୋଦୀଙ୍କ ଗରିବ କଲ୍ୟାଣ କାର୍ଯ୍ୟକ୍ରମ ଯୋଗୁଁ ଗତ ୧୨ ବର୍ଷରେ ଦେଶର ପ୍ରାୟ ୫୦ କୋଟି ଲୋକ ଉତ୍କଟ ଦାରିଦ୍ର୍ୟରୁ ବାହାରି ପାରିଛନ୍ତି ବୋଲି ବିଶ୍ୱବ୍ୟାଙ୍କ ତଥ୍ୟ ପ୍ରଦାନ କରିଛି। ୨୦୪୭ ସୁଦ୍ଧା *(ପୃଷ୍ଠା ୭ରେ)*

୧୯ ବର୍ଷରୁ କମ୍ ଏସିଆ କପ୍

ପାକିସ୍ତାନକୁ ହରାଇ ଭାରତ ଚାମ୍ପିୟନ

ଅଲ ଆମେରାତ, ୧୪।୧୧

୧୯ ବର୍ଷରୁ କମ୍ ଏସିଆ କପ୍ ଫାଇନାଲ ମହା ମୁକାବିଲାରେ ଏକ ୱିକେଟରେ ପାକିସ୍ତାନକୁ ପରାସ୍ତ କରି ଭାରତ ଚାମ୍ପିୟନ ହୋଇଛି। ଭାରତର ମୋହିତ ଉଲଭା ଏହି ବିଜୟର ନାୟକ ସାଜିଛନ୍ତି। ସେ ଅନ୍ତିମ ବଲ୍‌ରେ ଚୌକା ମାରି ଭାରତକୁ ଟ୍ରଫି ଜିତାଇଛନ୍ତି।

ମୋହିତ ୪୯ ରନ୍ କରି ଅପରାଜିତ ରହିଥିଲେ। ସେ କେବଳ ହାରିଯାଇଥିବା ମ୍ୟାଚକୁ ପୁନର୍ବାର ଫେରାଇ ଆଣିଲେ ତାହା ନୁହେଁ, ବରଂ ଦଳକୁ ବିଜୟ ପଥରେ ଆଗେଇ ନେଇଥିଲେ। ୩୩୮ ରନର ଲକ୍ଷ୍ୟକୁ ପିଛା କରୁଥିବା ଭାରତ ଭଲ ଖେଳ ଆରମ୍ଭ କରିଥିଲା। ହେଲେ ମଧ୍ୟକ୍ରମର ବ୍ୟାଟରମାନେ ବିଫଳ ହେବାରୁ ଦଳ ପରାଜୟର ଦ୍ୱାରଦେଶରେ ପହଞ୍ଚି ଯାଇଥିଲା।

୨୫୨ ରନ ସ୍କୋରରେ ଭାରତ ଅଷ୍ଟମ ୱିକେଟ ହରାଇଥିଲା। ସେତେବେଳେ ଦଳକୁ ଜିତିବା ପାଇଁ ଆଉ ୮୬ ରନ ଆବଶ୍ୟକ ଥିଲା ଏବଂ ହାତରେ ମାତ୍ର ୨ଟି ୱିକେଟ ବାକି ରହିଥିଲା। ନବମ ୱିକେଟ ପାଇଁ ମୈନାଲ ଚୌହାନ ଏବଂ ମୋହିତ ଉଲଭାଙ୍କ ମଧ୍ୟରେ ହୋଇଥିବା ୫୬ ରନର *(ପୃଷ୍ଠା ୭ରେ)*



ଚାମ୍ପିୟନ ଭାରତୀୟ ଟିମ୍‌କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୧୪।୧୧

ଭାରତୀୟ କ୍ରିକେଟ୍ ଟିମ୍ ଶନିବାର ଶେଷ ବଲ୍ ପର୍ଯ୍ୟନ୍ତ ଚାଲିଥିବା ରୋମାଞ୍ଚକର ଫାଇନାଲ ମ୍ୟାଚ୍‌ରେ ବିଗତ ଚାମ୍ପିୟନ ପାକିସ୍ତାନକୁ ଏକ ୱିକେଟ୍‌ରେ ପରାସ୍ତ କରି ୧୯ ବର୍ଷରୁ କମ୍ ଏସିଆ କପ୍ ବିଜେତା ହୋଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ କ୍ରିକେଟ୍ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ *(ପୃଷ୍ଠା ୭ରେ)*

ଆଜିର ମୁଖ୍ୟ ଖବର

- ଶିଶୁ ଦିବସରେ ସ୍କୁଲ ପିଲାମାନଙ୍କୁ ଭେଟିଲେ ରାଷ୍ଟ୍ରପତି, ସ୍ୱପ୍ନ ସାକାର କରିବାକୁ କଲେ ଉତ୍ସାହିତ।
- ଛଟ୍ ପର୍ବ ଅବସରରେ ଦିଲ୍ଲୀରୁ ୨୭ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ।
- ମଧ୍ୟପ୍ରଦେଶର ଖାରଗୋନରେ ୨୫ ଦିନ ମଧ୍ୟରେ ଦ୍ୱିତୀୟ ଭୂମିକମ୍ପ, ତୀବ୍ରତା ୪.୫।
- ଆସାମ: କାଜିରଙ୍ଗା ସଡ଼କ ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ୨୬କୁ ବୃଦ୍ଧି, ୨୩ ଜଣଙ୍କ ପରିଚୟ ଚିହ୍ନଟ।
- ଆମେରିକା: ବିମାନ ଉଡ଼ାଣ ଉପରେ ଲାଗିଥିବା କଟକଣା ୪ ଘଣ୍ଟା ପରେ ହଟିଲା, ୮ ହଜାର ବିମାନ ଉଡ଼ାଣ ବାତିଲ।

ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୭୬୨ (+୨୭)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୬୧୫ (+୨୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୩୨୨ (+୨୧)

ରୁପା ଦର

ରୂପା – ପ୍ରତି ଗ୍ରାମ ୧୯୫ (+୦)

ଏକାଳ ପଖାଳ



ନା ଖାଇବା ନା ପିଇବା
ନ କରିବା ଯା'ଆସ
ରେଟ୍‌ରାଟ୍ ବଢିକି ପୂରା
ଜୀବନକୁ କରେ ଗ୍ରାସ
ମହଙ୍ଗା ଦଉଡି ଫାଶ
ନେତାଙ୍କୁ କିନ୍ତୁ ଦେଖାଯାଏ ନାହିଁ
ଆସେ ମୁଚୁକୁନ୍ଦ ହସ।

୪୫ତମ ଆଇଆଇଟିଏଫ୍-୨୦୨୬ରେ ଓଡ଼ିଶା ପାଭିଲିୟନ୍ ଉଦ୍‌ଘାଟିତ



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୪।୧୧
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନୂଆଦିଲ୍ଲୀ ସ୍ଥିତ ଭାରତମଣ୍ଡପମ୍‌ରେ ଅନୁଷ୍ଠିତ ୪୫ତମ ଭାରତ ଆନ୍ତର୍ଜାତୀୟ ବାଣିଜ୍ୟ ମେଳା (ଆଇଆଇଟିଏଫ୍)-୨୦୨୬ର ହଲ୍-୩ରେ ଓଡ଼ିଶା ପାଭିଲିୟନ୍‌ର ଉଦ୍‌ଘାଟନ କରିଛନ୍ତି। ମେଳାର ମୁଖ୍ୟ ବିଷୟବସ୍ତୁ 'ବିକାଶ ଓ ବିରାସତ୍' (ବିକାଶ ଏବଂ ଐତିହ୍ୟ) ସହ ସମତାଳ ରଖି, ଓଡ଼ିଶା ପାଭିଲିୟନ୍‌କୁ 'ଯେଉଁଠାରେ ବିରାସତ୍ ବିକାଶକୁ ଅନୁପ୍ରାଣିତ କରେ' ଶୀର୍ଷକରେ ଉପସ୍ଥାପନ କରାଯାଇଛି। ଏହା ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ପାରମ୍ପରିକ କାରିଗରୀ, ବିବିଧ ସମ୍ପଦ ଏବଂ ଉଦୀୟମାନ ଅର୍ଥନୈତିକ ସୁଯୋଗଗୁଡ଼ିକୁ ଉଜାଗର କରୁଛି।

ଏହି ପାଭିଲିୟନ୍‌ରେ ଓଡ଼ିଶାର ସ୍ୱତନ୍ତ୍ର ହସ୍ତତନ୍ତ, ହସ୍ତଶିଳ୍ପ, ଜିଆଇ-ଟ୍ୟାଗ୍‌ଯୁକ୍ତ ଉତ୍ପାଦ, ଜନଜାତି କଳା, କୃଷିଜାତ ଦ୍ରବ୍ୟ, ଜଙ୍ଗଲଜାତ ସାମଗ୍ରୀ, ଦୁଗ୍ଧଜାତ ଦ୍ରବ୍ୟ, ଗ୍ରାମୀଣ ଉଦ୍ୟୋଗ ଏବଂ ପର୍ଯ୍ୟଟନ ସମ୍ବନ୍ଧୀୟ ସୁବିଧାର ବ୍ୟାପକ *(ପୃଷ୍ଠା ୭ରେ)*

ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣା ୪ ଶ୍ରଦ୍ଧାଳୁ ମୃତ



ଅମୃତସର, ୧୪।୧୧

ପଞ୍ଜାବର ତରନ ତାରନ ଜିଲ୍ଲା ଅଧୀନସ୍ଥ ନୌସେରା ପନ୍ନୁଆନ୍ ଗ୍ରାମ ନିକଟରେ ଶନିବାର ୨ଟି ତୀର୍ଥଯାତ୍ରୀ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୪ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୩୦ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୧୮ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

ଜଣେ ବାଇକ୍ ଚାଳକଙ୍କୁ ବଞ୍ଚାଇବାକୁ ଯାଇ ଗୋଟିଏ ବସ୍‌ର ଡ୍ରାଇଭର ହଠାତ ଷ୍ଟିଅରିଂ ବୁଲାଇ ବିପରୀତ ଲେନ୍‌କୁ ଚାଲିଯାଇଥିଲେ। ଏହାପରେ ବସ୍‌ଟି ବିପରୀତ ପାର୍ଶ୍ୱରୁ ଆସୁଥିବା ଆଉଏକ ତୀର୍ଥଯାତ୍ରୀ ବସ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ଏବଂ ଦୋକାନୀମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ।

ଭାରତ-ଆମେରିକା ଟ୍ରେଡ୍ ଡିଲ୍ ନେଇ ଜୟଶଙ୍କରଙ୍କ ଘୋଷଣା

ନୂଆଦିଲ୍ଲୀ, ୧୪।୧୧

ଭାରତ ଓ ଆମେରିକା ମଧ୍ୟରେ ଦୀର୍ଘଦିନ ଧରି ଚାଲିଥିବା ବାଣିଜ୍ୟ ଚୁକ୍ତି (ଟ୍ରେଡ୍ ଡିଲ୍) ଖୁବ୍‌ଶୀଘ୍ର ଚୂଡ଼ାନ୍ତ ହେବା ଆଶା ରହିଛି । ଏହି ଚୁକ୍ତି ସହ ଜଡ଼ିତ ଅଧିକାଂଶ ପ୍ରସଙ୍ଗର ସମାଧାନ ହୋଇସାରିଛି ଏବଂ ଏବେ ଅଳ୍ପ କିଛି ବିଷୟ ଉପରେ ଆଲୋଚନା ବାକି ରହିଛି। ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏହି ସୂଚନା ଦେଇଛନ୍ତି।

ଏକ ରିପୋର୍ଟ ଅନୁସାରେ, ଜୟଶଙ୍କର କହିଛନ୍ତି ଯେ ଉଭୟ ଦେଶ ପାଇଁ ଲାଭଦାୟକ ଓ ସନ୍ତୁଳିତ ବାଣିଜ୍ୟ ଚୁକ୍ତି କରିବା ହେଉଛି ଲକ୍ଷ୍ୟ। ଆଲୋଚନା ଏବେ ଶେଷ ପର୍ଯ୍ୟାୟରେ ରହିଛି । ମନ୍ତ୍ରୀ ପୀୟୂଷ ଗୋୟଲଙ୍କ ସହ ଏହି ପ୍ରସଙ୍ଗରେ ନିୟମିତ ଆଲୋଚନା ହେଉଥିବା ସେ କହିଛନ୍ତି । ଜୟଶଙ୍କରଙ୍କ କହିବା ଅନୁସାରେ, ଅଧିକାଂଶ ବିଷୟରେ ସହମତି ହୋଇସାରିଛି। ବାକି ରହିଥିବା *(ପୃଷ୍ଠା ୭ରେ)*



ସମ୍ଭାବ୍ୟ ବାତ୍ୟା : ୧୭ରୁ ୨୦ ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଭୁବନେଶ୍ୱର, ୧୪।୧୧
ନ୍ୟୁଜ୍ ବ୍ୟୁରୋ

ବଙ୍ଗୋପସାଗରରେ ସମ୍ଭାବ୍ୟ ବାତ୍ୟା ଓ ପାଣିପାଗର ପ୍ରତିକୂଳ ସ୍ଥିତିକୁ ନେଇ ସତର୍କ ହୋଇଛନ୍ତି ରାଜ୍ୟ ସରକାର। ଏନେଇ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି)ଙ୍କ ପକ୍ଷରୁ ମତ୍ସ୍ୟଜୀବୀଙ୍କ ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନଯିବାକୁ ପରାମର୍ଶ ଦିଆଯାଇଛି।

ବର୍ତ୍ତମାନ ସମୁଦ୍ରରେ ପବନର ବେଗ ଘଣ୍ଟାପ୍ରତି ୪୫ରୁ ୫୫ କିଲୋମିଟର ରହିଥିବା ବେଳେ ଝଟକା ପବନର ବେଗ ୬୫ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚିପାରେ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ଦକ୍ଷିଣ ଓଡ଼ିଶା ଉପକୂଳରେ ସମୁଦ୍ରର ସ୍ଥିତି ଅଶାନ୍ତ ରହିବା ଆଶଙ୍କା *(ପୃଷ୍ଠା ୭ରେ)*


୨୫ ପ୍ରତିଶତ ୨୦୦୦ ଟଙ୍କିଆ ନୋଟ୍ ଗଲା କୁଆଡେ ?



ଭୁବନେଶ୍ୱର, ୧୪।୧୧
ନ୍ୟୁଜ୍ ବ୍ୟୁରୋ

ଏପର୍ଯ୍ୟନ୍ତ ଫେରିଲା ନାହିଁ ୨୫% ଦୁଇ ହଜାର (୨୦୦୦) ଟଙ୍କିଆ ନୋଟ୍ । ଏହାହିଁ ଏବେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ପାଇଁ ବଡ ଚିନ୍ତାର କାରଣ ପାଲଟିଛି । ଯାହାକୁ ନେଇ ଆରବିଆଇ କର୍ତ୍ତୃପକ୍ଷଙ୍କ ଅକଲ ଗୁଡୁମ୍ । କାହିଁକି କେଉଁ କାରଣ ପାଇଁ ୨୦୦୦ ହଜାର ଟଙ୍କିଆ ଫେରିଲା ନାହିଁ । ଏହା ପଛରେ କ'ଣ ରହିଛି ରହସ୍ୟ, କାହା ନିର୍ଦ୍ଦେଶରେ ଏପରି କରାଯାଇଛି ତାକୁ ନେଇ ବିଭିନ୍ନ ପ୍ରକାର ପ୍ରଶ୍ନ ଉଠିଲାଣି । ହେଲେ ଏପର୍ଯ୍ୟନ୍ତ ରିଜର୍ଭ ବ୍ୟାଙ୍କ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇ ନାହିଁ ।

ମିଳିଥିବା ସୂଚନା ଅନୁସାରେ ସବୁ ୨୦୦୦ ଟଙ୍କିଆ ନୋଟ୍ ବ୍ୟାଙ୍କକୁ ଫେରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶନାମା ରହିଥିଲା । ଏପର୍ଯ୍ୟନ୍ତ ପ୍ରାୟ ୭୫ ପ୍ରତିଶତ ୨୦୦୦ ଟଙ୍କିଆ ନୋଟ୍ ବ୍ୟାଙ୍କକୁ ଫେରିଥିବା ବେଳେ ଅବଶିଷ୍ଟ ୨୫ ପ୍ରତିଶତ ଫେରିନାହିଁ । ଏତେ ପରିମାଣର ୨୦୦୦ ଟଙ୍କିଆ ନୋଟ୍ କୁଆଡେ ଗଲା କିଏ ରଖିଲା ଆଉ କଣ ହେଲା ସେ ନେଇ ଖୋଳତାଡ ଆରମ୍ଭ ହୋଇଛି । ଭୁବନେଶ୍ୱରସ୍ଥିତ ଆରବିଆଇର ଆଞ୍ଚଳିକ ଦପ୍ତରରେ ପ୍ରାୟ ପ୍ରତିଦିନ ୨୦୦୦ ଟଙ୍କିଆ ନୋଟ୍ ଜମା ହେବାକୁ ଆସୁଛି । ଆରବିଆଇ କର୍ତ୍ତୃପକ୍ଷ ଏ ସମ୍ପର୍କରେ କୌଣସି ସଠିକ୍ ସୂଚନା ଦେଇ ପାରୁ ନାହାନ୍ତି । ମିଳିଥିବା ସୂଚନା ଅନୁସାରେ ୨୦୦୦ ଟଙ୍କିଆ ନୋଟ୍ କାରବାରରେ କିଛି ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ ର୍ୟାକେଟ୍ କାମ କରୁଛି ଏବଂ କିଛି ଶିକ୍ଷିତ ମହିଳା ଏହାର ପରିଚାଳନା କରୁଛନ୍ତି ।



32 YEARS
ସମ୍ବାଦ ଜହ୍ନିକା
ଭୁବନେଶ୍ୱର ୧୫ ନଭେମ୍ବର ରବିବାର ୨୦୨୬



ସଡ଼କ ଦୁର୍ଘଟଣାରେ ମୃତ କଂଗ୍ରେସ ନେତାଙ୍କୁ ଶ୍ରଦ୍ଧାଞ୍ଜଳି



ବରଗଡ, ନ୍ୟୁଜ୍ ବ୍ୟୁରୋ

ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଅନ୍ତର୍ଗତ ଗର୍ଭଣା ଗ୍ରାମର ବରିଷ୍ଠ କଂଗ୍ରେସ ନେତା ସୁରେଶ ଚନ୍ଦ୍ର ପଧାନଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗତ ଅକ୍ଟୋବର ୩୦ ତାରିଖରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ତାଙ୍କର ପରଲୋକ ଘଟିଥିଲା। ତାଙ୍କର ଅକାଳ ବିୟୋଗରେ ରାଜନୈତିକ ମହଲ ସମେତ ସମଗ୍ର ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।ଏହି ପରିପ୍ରେକ୍ଷୀରେ ଗର୍ଭଣା ଗ୍ରାମରେ ତାଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ସଭାରେ କୃଷକ ନେତା ଲିଙ୍ଗରାଜ, କଂଗ୍ରେସ ନେତା ସରୋଜ ମହାପାତ୍ର, ବାବୁଲୁ ଦେବତା, ଗଣତନ୍ତ୍ର ପଧାନ, ଗିରିଜା ଆଚାର୍ଯ୍ୟ ଏବଂ ହାସ୍ୟକବି ନୀତିଶ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଧାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଉପସ୍ଥିତ ବକ୍ତାମାନେ ସ୍ୱର୍ଗତ ପଧାନଙ୍କ ଜୀବନୀ, ରାଜନୈତିକ ଜୀବନ, ସାମାଜିକ କାର୍ଯ୍ୟକଳାପ ଏବଂ ଜନସାଧାରଣଙ୍କ ସହ ତାଙ୍କର ଆତ୍ମୀୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜଣେ ମିଷ୍ଟଭାଷୀ, ମେଳାପୀ ତଥା ଜନସାଧାରଣଙ୍କ ସୁଖଦୁଃଖରେ ସାମିଲ ହେଉଥିବା ବ୍ୟକ୍ତିତ୍ୱ ଭାବେ ତାଙ୍କୁ ସମସ୍ତେ ସ୍ମରଣ କରିଥିଲେ। ତାଙ୍କର ଅକାଳ ବିୟୋଗ ସମାଜ ଓ ରାଜନୈତିକ କ୍ଷେତ୍ର ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଗ୍ରାମବାସୀ, ଶୁଭେଚ୍ଛୁ, ରାଜନୈତିକ କର୍ମୀ ଓ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଯୋଗଦେଇ ସ୍ୱର୍ଗତ ପଧାନଙ୍କ ପ୍ରତି ନିଜର ଶ୍ରଦ୍ଧା ଓ ସମ୍ମାନ ଜଣାଇଥିଲେ। ଶେଷରେ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମସ୍ତେ ସମବେଦନା ଜଣାଇଥିଲେ।

ଚୌଦ୍ୱାର କଲେଜରେ ବିଏସ୍‌ଜି ପ୍ରତିଷ୍ଠା ଦିବସ

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

ଚୌଦ୍ୱାର କଲେଜରେ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ (ବିଏସ୍‌ଜି)ର ୭୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । କଲେଜ ଅଧ୍ୟକ୍ଷା ଡ. ହରପ୍ରିୟା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ସର୍ବ ଧର୍ମ ପ୍ରାର୍ଥନା ସହିତ ବିଏସ୍‌ଜି ପତାକା ଉତ୍ତୋଳନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ଅଧ୍ୟାପକ ପ୍ରଭାକର ମିଶ୍ର ଓ ଲକ୍ଷ୍ମଣ କରଣ ଉଦ୍‌ବୋଧନ ଦେଇ ରୋଭର୍ସ ଏବଂ ରେଞ୍ଜର୍ସ ମାନଙ୍କର ଭୂମିକା ଓ ସମାଜ ପ୍ରତି ଥିବା ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ରୋଭରର୍ସ ଲିଡର ଅରଣ୍ୟ ରାଉତରାୟ ସ୍କାଉଟ ଓ ଗାଇଡ଼ ମାନେ ନିଜର ଦାୟିତ୍ୱ ନିଷ୍ଠାର ସହ ପାଳନ କରିବା ସହ ମାନବ ସମାଜର ସେବାରେ ନିଜକୁ ନିସ୍ୱାର୍ଥପର ଭାବେ ନିୟୋଜିତ କରିବାକୁ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ସିନିୟର ରୋଭର ଆୟୁଷ୍ମାନ ଦାସ ଅତିତର ସ୍କାଉଟିଂ କାର୍ଯ୍ୟକ୍ରମ ସହ ଜଡିତ ସ୍ମୃତି ଓ ଆନନ୍ଦଦାୟକ ମୁହୂର୍ତ୍ତ ବର୍ଣ୍ଣନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

ଜୈବ ପ୍ରଯୁକ୍ତିବିଦ୍ୟା ସଂକ୍ରାନ୍ତ ଅନ୍ତର୍ଜାତୀୟ ସମ୍ମିଳନୀର ବିବରଣିକା ଉନ୍ମୋଚିତ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଜୈବ ପ୍ରଯୁକ୍ତିବିଦ୍ୟା, ଅଣୁଜୀବ ବିଜ୍ଞାନ ଓ କୃତ୍ରିମ ବୁଦ୍ଧିମତାର ସମନ୍ୱୟ ଉପରେ ଆଧାରିତ ଅନ୍ତର୍ଜାତୀୟ ସମ୍ମିଳନୀ କନଭର୍ଜେନ୍ସ ଅଫ୍ ବାୟୋଟେକ୍ନୋଲୋଜି, ମାଇକ୍ରୋବାୟୋଲୋଜି ଆଣ୍ଡ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ'ର ବିବରଣିକା ମିଟ୍ସ ସ୍କୁଲ୍ ଅଫ୍ ବାୟୋଟେକ୍ନୋଲୋଜି ପରିସରରେ ଉନ୍ମୋଚିତ ହୋଇଯାଇଛି। ଏମ୍‌ଏସ୍‌ବି ପକ୍ଷରୁ ମାଇକ୍ରୋବାୟୋଲୋଜିଷ୍ଟସ୍ ସୋସାଇଟି, ଇଣ୍ଡିଆର ସହଯୋଗରେ ଆସନ୍ତା ୨୦୨୭ ଜାନୁଆରୀ ୨୩ ଓ ୨୪ ତାରିଖରେ ଏହି ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜିତ ହେବ। ଜୈବ ପ୍ରଯୁକ୍ତିବିଦ୍ୟା, ଅଣୁଜୀବ ବିଜ୍ଞାନ ଓ କୃତ୍ରିମ ବୁଦ୍ଧିମତା ମଧ୍ୟରେ ବୈଷୟକ ସହଯୋଗକୁ ପ୍ରୋତ୍ସାହିତ କରିବା ସହ ସ୍ଥାୟୀ ବିକାଶ ଏବଂ ସର୍କୁଲାର ଇକୋନୋମିର ବିକାଶ ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ଏହି ସମ୍ମିଳନୀରେ ଦେଶବିଦେଶର ବିଶିଷ୍ଟ ବୈଜ୍ଞାନିକ, ଶିକ୍ଷାବିତ୍, ଗବେଷକ ଓ ଶିଳ୍ପ କ୍ଷେତ୍ରର ବିଶେଷଜ୍ଞମାନେ ଏକତ୍ରିତ ହୋଇ ନିଜ ନିଜର ଗବେଷଣା ଓ ଅଭିଜ୍ଞତା ବିନିମୟ କରିବେ। ଏଥିରେ ମୁଖ୍ୟ ବକ୍ତୃତା, ଗବେଷଣାତ୍ମକ ଉପସ୍ଥାପନା ଏବଂ ଭାବ ବିନିମୟମୂଳକ ଅଧିବେଶନ ଆୟୋଜିତ ହେବ। ଏହା ନୂତନ ଗବେଷଣା, ନବସୃଜନ ଓ ସହଯୋଗମୂଳକ ପ୍ରୟାସକୁ ଉତ୍ସାହିତ କରିବା ସହ ସମାଜ ଓ ପରିବେଶ ସମ୍ମୁଖୀନ ହେଉଥିବା ଉଦୀୟମାନ ଆହ୍ୱାନଗୁଡ଼ିକର ସମାଧାନ ଦିଗରେ ସହାୟକ ହେବ। ବିବରଣିକା ଉନ୍ମୋଚନ କାର୍ଯ୍ୟକ୍ରମରେ ମିଟ୍ସ ଗ୍ରୁପ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ସୀତାରାମ ପଣ୍ଡା, ଉପାଧ୍ୟକ୍ଷ ବିଶ୍ୱଜିତ୍ ପଣ୍ଡା, ନିର୍ଦ୍ଦେଶକ ପ୍ରଫେସର ଜି.କେ. ପଣ୍ଡା, ସୋଆ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ଇଣ୍ଡଷ୍ଟ୍ରିଆଲ୍ ବାୟୋଟେକ୍ନୋଲୋଜି ରିସର୍ଚ୍ଚର ନିର୍ଦ୍ଦେଶକ ତଥା ମାଇକ୍ରୋବାୟୋଲୋଜିଷ୍ଟସ୍ ସୋସାଇଟି, ଇଣ୍ଡିଆର ଜାତୀୟ ସଂଯୋଜକ ପ୍ରଫେସର ଏଚ୍.ଏନ୍. ଥାଟୋଇ ଏମ୍‌ଏସ୍‌ବିର ଏମେରିଟସ୍ ପ୍ରଫେସର ପି.କେ. ବେହେରା, ସମ୍ମିଳନୀର ଆବାହକ ଡକ୍ଟର ରଶ୍ମି ରଞ୍ଜନ ମିଶ୍ର ଏବଂ ସହ-ଆବାହକ ଡକ୍ଟର ତପସ୍ୱିନୀ ନାୟକ ଉପସ୍ଥିତ ଥିଲେ।

ଜିଜିପି କଲୋନିରେ ଥାର୍ ଆତଙ୍କ : ଜଣେ ଗୁରୁତର

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ରସୁଲଗଡ଼ ଜିଜିପି କଲୋନିରେ ପୁଣି କଳା ଥାର୍ ଆତଙ୍କ ଦେଖିବାକୁ ମିଳିଛି। ୬ଟି କାରକୁ ଧକ୍କା ଦେଇ ରାସ୍ତାରେ ଯାଉଥିବା ଜଣେ ପଥଚାରୀଙ୍କ ଉପରେ ଥାର୍ ଗାଡ଼ି ମାଡ଼ିଯାଇଛି। ଫଳରେ ଯୁବକଙ୍କ ଅଣ୍ଡା ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି।

ବଢୁଛି ବାଳ ଅପରାଧୀଙ୍କ ଆତଙ୍କ : ହତ୍ୟାରେ ୨, ହତ୍ୟା ଉଦ୍ୟମରେ ୩୭

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଯେଉଁ ବୟସରେ ହାତରେ ବହି ଓ କଲମ ରହିବା କଥା, ସେହି ବୟସରେ ଧରୁଛନ୍ତି ବନ୍ଧୁକ ଓ ମାରଣାସ୍ତ୍ର। ପାଠପଢ଼ା ଓ ଖେଳକୁଦରେ ମନ ଦେବା ପରିବର୍ତ୍ତେ ଅପରାଧ ଜଗତରେ ପାଦ ଥାପୁଛନ୍ତି କିଶୋର। ହତ୍ୟା, ହତ୍ୟା ଉଦ୍ୟମ, ଚୋରି, ଲୁଟ୍‌ପାଟଠାରୁ ଆରମ୍ଭ କରି ବନ୍ଧୁକ କାରବାର, ନିଶା ବେପାର, ଗ୍ୟାଙ୍ଗୱାର, ଦୁଷ୍କର୍ମ ଭଳି ସଙ୍ଗିନ ଅପରାଧରେ ନାବାଳକଙ୍କ ସମ୍ପୃକ୍ତି ରାଜଧାନୀରେ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିଛି। ଅପରପଟେ ଅପରାଧ ଜଗତରେ କିଶୋରଙ୍କ ଉପସ୍ଥିତି ମଧ୍ୟ ପୁଲିସ ପାଇଁ ନୂଆ ଆହ୍ୱାନ ସୃଷ୍ଟି କରିଛି। ନିକଟରେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଗ୍ୟାଙ୍ଗୱାର୍ ଘଟଣାରେ ଜଣେ ନାବାଳକଙ୍କୁ ଗୁଳି କରି ଅନ୍ୟ ଏକ ଗୋଷ୍ଠୀ ହତ୍ୟା କରିଥିଲା। ଏହି ଗୋଷ୍ଠୀରେ ମଧ୍ୟ ଜଣେ ନାବାଳକଙ୍କ ସମ୍ପୃକ୍ତି ଥିଲା। ସେହିଭଳି ଗତ ମେ ମାସରେ ଚନ୍ଦ୍ରଶେଖରପୁରରେ ପ୍ରେମ କାରବାରକୁ କେନ୍ଦ୍ର କରି ଏକ ଗୋଷ୍ଠୀ ଥାର୍ ଚଢ଼ାଇ ଜଣେ ଯୁବକଙ୍କୁ ହତ୍ୟା କରିଥିଲେ। ଏଥିରେ ବି ଜଣେ ନାବାଳକଙ୍କ ସମ୍ପୃକ୍ତି ଥିବାରୁ ତାଙ୍କୁ ବାଳ ସୁଧାର ଗୃହ ପଠାଯାଇଥିଲା। କମିସନରେଟ୍ ପୁଲିସର ଭୁବନେଶ୍ୱର ଯୁପିଡିରେ ଏହିଭଳି ଘଟଣା ବାରମ୍ବାର ଘଟୁଥିବା ଦେଖିବାକୁ ମିଳିଛି। ମିଳିଥିବା ତଥ୍ୟ ଅନୁସାରେତଳିତ ବର୍ଷ ଅର୍ଥାତ ୨୦୨୬ ମସିହା ଜାନୁଆରିରୁ ନଭେମ୍ବର ୧୦ ତାରିଖ ସୁଦ୍ଧା ବିଭିନ୍ନ ଅପରାଧରେ ସମ୍ପୃକ୍ତି ଅଭିଯୋଗରେ ମୋଟ ୧୧୨ ଜଣ ନାବାଳକଙ୍କୁ ସୁଧାର ଗୃହକୁ ପଠାଯାଇଛି। ସେମାନଙ୍କ ମଧ୍ୟରୁ ହତ୍ୟାକାଣ୍ଡରେ ୨ ଜଣ, ହତ୍ୟା ଉଦ୍ୟମରେ ୩୭ ଜଣ, ଆର୍ମସ୍ ଆକ୍ଟରେ ୨୪ ଜଣ, ଚୋରି ମାମଲାରେ ୩୬ ଜଣ, ପୋକ୍‌ସୋ ମାମଲାରେ ୪ ଜଣ ଏବଂ ଏନ୍‌ଡିପିଏସ୍ ମାମଲାରେ ଜଣେ ନାବାଳକ ଓ ଅନ୍ୟ ଆପରାଧିକ ମାମଲାରେ ୮ଜଣଙ୍କ ସମ୍ପୃକ୍ତି ରହିଛି। ସଂଖ୍ୟାକୁ ଦେଖିଲେ ହତ୍ୟା ଉଦ୍ୟମ ଓ ଆର୍ମସ୍ ଆକ୍ଟ ଭଳି ଗୁରୁତର



ଅପରାଧରେ ନାବାଳକଙ୍କ ସମ୍ପୃକ୍ତି ବିଶେଷ ଚିନ୍ତାର କାରଣ ପାଲଟିଛି। ଅନ୍ୟପକ୍ଷରେ ଚୋରି ଭଳି ଅପରାଧରେ ୩୬ ଜଣଙ୍କ ସମ୍ପୃକ୍ତି କିଶୋରଙ୍କ ଅପରାଧ ପ୍ରବଣତାର ଅନ୍ୟ ଏକ ଦିଗକୁ ସୂଚାଉଛି। ବିଶେଷକରି ନାବାଳକମାନେ ସଙ୍ଗଠିତ ଅପରାଧରେ ସାମିଲ ହେବା ଏକ ଗମ୍ଭୀର ପ୍ରସଙ୍ଗ ପାଲଟିଛି। କିଛି ପେସାଦାର ଅପରାଧୀମାନେ ନିଜ ଆପରାଧିକ ନେଟ୍‌ୱର୍କକୁ ସୁଦୃଢ଼ କରିବା ପାଇଁ ନାବାଳକଙ୍କୁ ବ୍ୟବହାର କରୁଥିବା ସାମ୍ନାକୁ ଆସିଛି। ନିକଟରେ ଘଟିଥିବା ଲକ୍ଷ୍ମୀସାଗରର ଗ୍ୟାଙ୍ଗ୍ ୱାର୍ ଘଟଣା ଏହାର ଏକ ବଳିଷ୍ଠ ଉଦାହରଣ। ସେହିଭଳି କୁଖ୍ୟାତ ଚେନ୍ ଲୁଟେରା ରସୁଲଗଡ଼ ପାଲାମଣ୍ଡପସାହିର ଅରୁଣ ସାହୁ କିଛି ସହଯୋଗୀ ଓ ନାବାଳକଙ୍କୁ ନେଇ ଏକ ଗ୍ୟାଙ୍ଗ୍ ତିଆରି କରିଥିଲା। ବୋମା ଭିଡ଼ିବା ବେଳେ ତା'ର ଡାହାଣ ହାତ ଛିଣ୍ଡିଯିବାରୁ ସେ ନାବାଳକଙ୍କୁ ଛିନ୍‌ତାଇ କାମରେ ଲଗାଇଥିଲା। ଗତ ସେପ୍ଟେମ୍ବର ପୁଲିସ ଅରୁଣ ସମେତ ୫ଜଣଙ୍କୁ ଗିରଫ କରି ୧୨ଲକ୍ଷ ଟଙ୍କାର ସୁନାଚେନ୍ ଜବତ କରିଥିଲା। ତେବେ ଏନେଇ ଶିଶୁ ସୁରକ୍ଷା କର୍ମୀ ଡା. ବେଣ୍ଧର ସେନାପତି କହିଛନ୍ତି, କେବଳ ନାବାଳକଙ୍କୁ ଧରି ସୁଧାର ଗୃହକୁ ପଠାଇ ଦେବା ଏହି ସମସ୍ୟାର ସ୍ଥାୟୀ ସମାଧାନ ନୁହେଁ। ସେମାନଙ୍କୁ ଅପରାଧ ଜଗତକୁ ଠେଲି ଦେଉଥିବା ବ୍ୟକ୍ତି, ଗୋଷ୍ଠୀ ଓ ନେଟ୍‌ୱର୍କର ମୂଲୋତ୍ପାଟନ ଆବଶ୍ୟକ। ଏଥିସହ ପରିବାର, ଶିକ୍ଷାନୁଷ୍ଠାନ ଓ ପୁଲିସ ମଧ୍ୟରେ ସମନ୍ୱୟ ବଢ଼ାଇବାକୁ ପଡ଼ିବ। ନଚେତ୍ ଆଜିର ବିପଥଗାମୀ କିଶୋର ଅପରାଧ ଜଗତର ଏକ ଭୟଙ୍କର ଚେହେରା ହୋଇ ଉଭା ହେବାର ଆଶଙ୍କା ରହିଛି। ରାଜ୍ୟ ସରକାର କିଶୋରଙ୍କୁ ଅପରାଧରୁ ନିବୃତ୍ତ ରଖିବା ପାଇଁ ଏକ ଚର୍ଚ୍ଚିତ ଯୋଜନା କରିଥିଲେ। ଯାହାର ନାଁ ହେଉଛି 'ଷ୍ଟୁଡେଣ୍ଟ ପୁଲିସ କ୍ୟାଡେଟ୍ ବା ଏସ୍‌ପିସି' ଯୋଜନା। ୨୦୧୭ରେ ପୁଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟସ୍ତରରୁ ହିଁ ଅପରାଧ ଓ ଆଇନକାନୁନର ପାଠ ପଢ଼ାଇ ସେମାନଙ୍କୁ ଶୃଙ୍ଖଳିତ କରିବା ପାଇଁ ଏହା ଆରମ୍ଭ କରିଥିଲେ। ଏଥିପାଇଁ ପ୍ରାୟ କୋଟିଏ ୪୦ଲକ୍ଷ ଟଙ୍କାର ଅଟକଳ ମଧ୍ୟ ହୋଇଥିଲା। ତେବେ ଗତବର୍ଷ ସେପ୍ଟେମ୍ବର ମାସରେ ବଡ଼ଗଡ଼ ହାଇସ୍କୁଲ୍‌ରେ ୫ଦିନ ଧରି ଏହି ଯୋଜନାରେ ପିଲାଙ୍କୁ ସଚେତନ କରାଯାଇଥିଲା। ଏବେ ଇତିମଧ୍ୟରେ ପ୍ରାୟ ବର୍ଷେରୁ ଅଧିକ ଦିନ ବିତିଲାଣି ହେଲେ ଏପର୍ଯ୍ୟନ୍ତ କୌଣସି ସ୍କୁଲ୍‌ରେ ଏହି ଯୋଜନାକୁ ନେଇ ପିଲାଙ୍କୁ ନେଇ ସଚେତନତା କରାଯାଉନାହିଁ। ଏନେଇ ଭୁବନେଶ୍ୱର ଡିସିପି ଡା. ସରବଣା ବିବେକ୍ ଏମ୍ କହିଛନ୍ତି, ଭୁବନେଶ୍ୱରରେ ଏସ୍‌ପିସି ଯୋଜନାର ସ୍ଥିତି ବାବଦରେ ଅବଗତ ନାହିଁ। ଖୁବ୍‌ଶୀଘ୍ର ପୁଲିସ କମିସନରଙ୍କ ସହ ଆଲୋଚନା କରି ପୁଣି ବିଭିନ୍ନ ସ୍କୁଲ୍‌ରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବୁ। ତେବେ ରାଜଧାନୀରେ ବଢୁଥିବା କିଶୋର ଅପରାଧକୁ ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମକୁ ଜୋରଦାର କରିବୁ ବୋଲି ସେ କହିଛନ୍ତି।

ବିନିକାରେ ଅଭିଯୋଗ ଶୁଣାଣି ୬୬ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲାର ବିନିକା ବ୍ଲକ ମୁଖ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଦେବାଶିଷ ସିଂହ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କେ.କେ. ହରିପ୍ରସାଦ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୬୬ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା, ସେଥିମଧ୍ୟରୁ ୪୭ଟି ବ୍ୟକ୍ତିଗତ ଏବଂ ୧୯ଟି ସାମୂହିକ ଦରଖାସ୍ତ ଥିଲା। ବାକି ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏହି ଅବସରରେ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଅଶ୍ୱିନୀ ମେହେର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ଉଷାରାଣୀ ଦାସ, ତହସିଲଦାର ରସନା ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ତାଙ୍କର ବ୍ଲକ ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ଶିକ୍ଷା ଜଗତରେ ଶୋକର ଛାୟା

ଆଉ ନାହାନ୍ତି ବିଶିଷ୍ଟ ଶିକ୍ଷାବିତ୍ ପ୍ରଭାସ ଚନ୍ଦ୍ର ବାରିକ୍

ବାରିପଦା, ନ୍ୟୁଜ୍ ବ୍ୟୁରୋ

ଶିକ୍ଷା ଓ ସାହିତ୍ୟ ଜଗତରୁ ଏକ ଅତ୍ୟନ୍ତ ଦୁଃଖଦ ଖବର ସାମ୍ନାକୁ ଆସିଛି। ଜଣେ ଆଦର୍ଶ ଶିକ୍ଷକ, ସୁଗଂଠକ ତଥା ସ୍ପଷ୍ଟବାଦୀ ବ୍ୟକ୍ତିତ୍ୱ ଭାବେ ପରିଚିତ ପ୍ରଭାସ ଚନ୍ଦ୍ର ବାରିକ୍ ଆଉ ଆମ ଗହଣରେ ନାହାନ୍ତି। ତାଙ୍କର ଏହି ଅକାଳ ବିୟୋଗ ସମଗ୍ର ଅଞ୍ଚଳରେ ଏକ ଅପୂରଣୀୟ କ୍ଷତି ସୃଷ୍ଟି କରିଛି। ୧୯୫୩ ମସିହା ଅପ୍ରେଲ ୧ ତାରିଖରେ ଜନ୍ମଗ୍ରହଣ କରିଥିବା ପ୍ରଭାସ ବାବୁ ଜଣେ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଭାବେ ନିଜର ସାରା ଜୀବନ ଶିକ୍ଷାର ବିକାଶ ପାଇଁ ଉତ୍ସର୍ଗୀକୃତ କରିଥିଲେ। ମୟୁରଭଞ୍ଜ ଜିଲ୍ଲା ରାଇରଙ୍ଗପୁରରୁ ନିଜର ଶିକ୍ଷକତା ଜୀବନ ମଧ୍ୟରେ ସେ ବଡ଼ସାହି, ବାଙ୍ଗିରିପୋଷି ଏବଂ ମୋରଡ଼ା ବ୍ଲକ ମାନଙ୍କରେ ପ୍ରଧାନ ଶିକ୍ଷକ ତଥା ସ୍କୁଲ୍ ପରିଦର୍ଶକ ଭାବେ ଦକ୍ଷତାର ସହ କାର୍ଯ୍ୟ ତୁଲାଇଥିଲେ। କେବଳ ଜଣେ ପ୍ରଶାସକ କିମ୍ବା ଶିକ୍ଷକ ନୁହେଁ, ବରଂ ଜଣେ ପ୍ରତିଭାବାନ ଲେଖକ ଭାବେ ସେ ବିଜ୍ଞାନ ସମ୍ବନ୍ଧୀୟ ପୁସ୍ତିକା, ଓଡ଼ିଆ ଓ ଇଂରାଜୀ ବ୍ୟାକରଣ, ରଚନା ଏବଂ ସାଧାରଣ ଜ୍ଞାନ ଆଦି ଅନେକ ଉପାଦେୟ ପୁସ୍ତକ ରଚନା କରି ଛାତ୍ରଛାତ୍ରୀଙ୍କ ପାଇଁ ଏକ ଅମୂଲ୍ୟ ସମ୍ପତ୍ତି ଛାଡି ଯାଇଛନ୍ତି। ଶିକ୍ଷା ବ୍ୟତୀତ ସେ ଜଣେ ଗଭୀର ଧାର୍ମିକ ଏବଂ ପରୋପକାରୀ ବ୍ୟକ୍ତି ଥିଲେ। ଶ୍ରୀ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ସଦସ୍ୟ ଭାବେ ମନ୍ଦିର ନିର୍ମାଣ ଓ ସାମାଜିକ କାର୍ଯ୍ୟରେ ତାଙ୍କର ଅବଦାନ ସଦା ସ୍ମରଣୀୟ ରହିବ। ଗତ ୩ ତାରିଖରେ ତାଙ୍କର ପରଲୋକ ଘଟିଥିବା ବେଳେ, ତାଙ୍କ ପରିବାରରେ ଏବେ ଶୋକାକୁଳ ପରିବେଶ ରହିଛି। ତାଙ୍କ ପୁତ୍ର ବାରିପଦା ସମବାୟ ବ୍ୟାଙ୍କର ଜଣେ ପ୍ରତିଷ୍ଠିତ ଅଫିସର ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କର ଏହି ନିଷ୍ଠାପର ଜୀବନ ଏବଂ ସାମାଜିକ କାର୍ଯ୍ୟ ପାଇଁ ସେ ସଦାସର୍ବଦା ଜନମାନସରେ ଅମର ରହିବେ। ଜଣେ ସଚ୍ଚୋଟ, ଜ୍ଞାନୀ ଏବଂ ଧାର୍ମିକ ବ୍ୟକ୍ତିତ୍ୱଙ୍କର ଏଭଳି ବିୟୋଗରେ ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ଭଗବାନ ତାଙ୍କ ଅମର ଆତ୍ମାର ସଦ୍‌ ?ଗତି ପ୍ରଦାନ କରିବା ସହ ଏହି ଅସହ୍ୟ ଦୁଃଖ ସହିବା ପାଇଁ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାହସ ଓ ଧୈର୍ଯ୍ୟ ଦିଅନ୍ତୁ, ଏତିକି ପ୍ରାର୍ଥନା।

ଜରାଜୀର୍ଣ୍ଣ ଅବସ୍ଥାରେ ଗୋଷ୍ଠୀ ଶୌଚାଳୟ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

"ସ୍ୱଚ୍ଛ ଭାରତ, ସ୍ୱାସ୍ଥ୍ୟ ପରିମଳ" ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଆମ୍ବେଦକର ଛକ ୱାର୍ଡ-୨ ଠାରେ ସର୍ବସାଧାରଣଙ୍କ ପାଇଁ ଏକ ଶୌଚାଳୟ (ସରକାରୀ ପାଇଖାନା) ନିର୍ମାଣ କରାଯାଇଥିଲା। ଲୋକମାନଙ୍କ ସୁବିଧା ଓ ଆମ୍ବେଦକର ପଡାର ସ୍ୱଚ୍ଛତା ବଜାୟ ରଖିବା ଉଦ୍ଦେଶ୍ୟରେ ତିଆରି ହୋଇଥିବା ଏହି ପାଇଖାନା ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍

32 YEARS
ସମ୍ବାଦ ଜହ୍ନିକା
ଭୁବନେଶ୍ୱର, ୧୫ ନଭେମ୍ବର ୨୦୨୬ ରବିବାର



ମେଗା ଆଡ଼ମିଶନ୍ କ୍ୟାମ୍ପ:୭୮ ଛାତ୍ରଛାତ୍ରୀଙ୍କ ହେଲା ନାମ ଲେଖା

ଖପ୍ରାଖୋଲ, ନ୍ୟୁଜ୍ ବ୍ୟୁରୋ

ପାଠପଢ଼ାରୁ ବଞ୍ଚିତ ହୋଇଥିବା ଯୁବବର୍ଗଙ୍କୁ ପୁନର୍ବାର ଶିକ୍ଷାର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ଉଦ୍ଦେଶ୍ୟରେ ଖପ୍ରାଖୋଲ ସରକାରୀ ନୋଡାଲ୍ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ମେଗା ଆଡ୍‌ମିଶନ୍ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ (ଏସ୍‌ଆଇଓଏସ୍) ଏବଂ ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ (ଏନ୍‌ଆଇଓଏସ୍) ଅଧୀନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଆଗ୍ରହ ପ୍ରକାଶ କରି ନାମ ଲେଖାଇଛନ୍ତି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଇସ୍ତାଲ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରିନା କୁମାରୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେହିପରି ଖପ୍ରାଖୋଲ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମିନିକେତନ ବରିହା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟଅତିଥି ବେହେରା ନିଜ ବକ୍ତବ୍ୟରେ କହିଥିଲେ ଯେ, ପାଠପଢ଼ା ମଝିରୁ ଛାଡ଼ିଥିବା କୌଣସି ବି ପିଲା ଯେପରି ଶିକ୍ଷାରୁ ବଞ୍ଚିତ ନରୁହନ୍ତି, ସେଥିପାଇଁ ସମସ୍ତଙ୍କର ସହଯୋଗ ଏକାନ୍ତ ଆବଶ୍ୟକ । ଏହି ମେଗା କ୍ୟାମ୍ପ ମାଧ୍ୟମରେ ମୋଟ୍ ୭୫ ଜଣ ଛାତ୍ରଛାତ୍ରୀ ଦଶମ ଶ୍ରେଣୀରେ ଏବଂ ୩ ଜଣ ଛାତ୍ରଛାତ୍ରୀ ଦ୍ୱାଦଶ ଶ୍ରେଣୀରେ ଆନୁଷ୍ଠାନିକ ଭାବେ ନାମଲେଖା ସମ୍ପନ୍ନ କରିଛନ୍ତି । ଏହି ସଫଳ କାର୍ଯ୍ୟକ୍ରମରେ ଖପ୍ରାଖୋଲ ବ୍ଲକ୍ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ୧୪ ଗୋଟି କ୍ଲଷ୍ଟରର ସିଆର୍‌ସିସି ମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଛାତ୍ରଛାତ୍ରୀ ମାନଙ୍କୁ ଆଣି ଆଡମିଶନ୍ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । କ୍ୟାମ୍ପରେ ଶତାଧିକ ଅଭିଭାବକ ମଧ୍ୟ ଉପସ୍ଥିତ ରହି ଆଗାମୀ ଦିନରେ ଅନ୍ୟାନ୍ୟ ପିଲାମାନଙ୍କୁ ମଧ୍ୟ ଏଥିରେ ନାମ ଲେଖାଇବା ପାଇଁ ଗଭୀର ଇଚ୍ଛା ପ୍ରକାଶ କରିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ମୁରଲିଧର ମେହେର କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସଞ୍ଚାଳନ କରିଥିବା ବେଳେ ସହକାରୀ ଶିକ୍ଷକ ସହଦେବ ବେହେରା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

////// ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଯୁବ ସଂସଦ ୨୦୨୬-୨୭ ଅନୁଷ୍ଠିତ //////

ନିଶାମୁକ୍ତ ଯୁବ ସମାଜ ଗଠନ ଓ ବିକଶିତ ଭାରତ ନିର୍ମାଣ ପାଇଁ ପରାମର୍ଶ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ନିଶାମୁକ୍ତ ଭାରତ ସଂକଳ୍ପକୁ ନେଇ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଯୁବ ସଂସଦ ୨୦୨୬-୨୭ କାର୍ଯ୍ୟକ୍ରମ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟ, ସୋନପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ମେରା ଯୁବା ଭାରତ, ସୁବର୍ଣ୍ଣପୁର ଜିଲ୍ଲା ଶାଖାର ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେରଙ୍କ ସଂଯୋଜନାରେ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ଆଧାରରେ 'ନିଶାମୁକ୍ତ ଯୁବା ପାଇଁ ବିକଶିତ ଭାରତ' ଶୀର୍ଷକରେ ବକ୍ତୃତା ଓ ବିତର୍କ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ୩୫ ଜଣ ଯୁବ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜର ମତାମତ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ରୀତାରାଣୀ ପୂଜାହାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଗଣ ଭାରତର ଅବସରପ୍ରାପ୍ତ APA ବିପିନ ବିହାରୀ ଜେନା, ବିଚାରକ ମଣ୍ଡଳୀ ଭାବେ ଅଦିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ଜ୍ୟୋତିରଞ୍ଜନ ବୋହିଦାର, ସାହାରା ଟ୍ରଷ୍ଟ ହାଇସ୍କୁଲର ପ୍ରଧାନଶିକ୍ଷକ ଗୋଟି କୃଷ୍ଣ ମିଶ୍ର, ଓଏଭି ପିପିଲିପାଲିର ଅଧ୍ୟକ୍ଷ ଅରୁଣ ମହାକୁର, ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ସୋନପୁରର ଦିଗନ୍ତ କୁମାର ମହାପାତ୍ର, ସୋନପୁର କଲେଜର NSS DPO ଧୀରେନ୍ଦ୍ର ମିଶ୍ର, ମଡେଲ ଡିଗ୍ରୀ କଲେଜର ଓଡ଼ିଆ ବିଭାଗର ଅଧ୍ୟାପକ ତଥା NSS ଅଧିକାରୀ ଡ. ସନ୍ତୋଷ ଭୋଇ ଏବଂ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ମଦନ ସୁନ୍ଦର ଖେତୀ ପ୍ରମୁଖ ଯୋଗଦେଇଥିଲେ । ଯୁବପିଢ଼ିଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ସଂସଦୀୟ ପରମ୍ପରା, ନେତୃତ୍ୱ ଦକ୍ଷତା ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ଦାୟିତ୍ୱବୋଧ ସୃଷ୍ଟି ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । ଏକ ସୁସ୍ଥ, ସଶକ୍ତ ଓ ନିଶାମୁକ୍ତ ଯୁବସମାଜ ଗଠନ ବିନା ବିକଶିତ ଭାରତର ସ୍ୱପ୍ନ ସାକାର ହେବା ଅସମ୍ଭବ ବୋଲି ମତ ପ୍ରକାଶ ପାଇଥିଲା । ବିତର୍କ ପ୍ରତିଯୋଗିତାରେ ସୋନପୁର କଲେଜର ରଜନନ୍ଦିନୀ ଭୁତା ପ୍ରଥମ, ବିଶ୍ୱରୂପା ସାହୁ ଦ୍ୱିତୀୟ ଏବଂ ମଡେଲୟ ଡିଗ୍ରୀ କଲେଜ, ସୋନପୁରର ନମାମି ତେଜସ୍ୱିନୀ ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଗଣ ଭାରତ ସ୍ୱେଚ୍ଛାସେବୀ ଦେବେନ୍ଦ୍ର ପୋଡ଼, ଆଜାଦ ଭୋଇ, ଲକ୍ଷ୍ମଣ ବାରିକ, ଦୀପକ ଭୋଇ, ସୁନୀଲ କୁମାର ପ୍ରଧାନ, ଦେବାଶିଷ କର୍ମ, ଆଲୋକ ରଞ୍ଜନ ନାଏକ, ସୁଜ୍ଞାନୀ ବାରିକ, ସୁପର୍ଣ୍ଣା ମିଶ୍ର, ନଚିକେତା ଦତ୍ତା, ସାଗରିକା କର୍ଣ୍ଣ ଓ ସନ୍ତୋଷିନୀ ସାହୁ ସହଯୋଗ କରିଥିଲେ । ଏଥିସହ କୃପାସିନ୍ଧୁ ସା ଓ ରାଜେଶ ମହଲା ଉପସ୍ଥିତ ଥିଲେ । ଏହି ଯୁବ ସଂସଦ କାର୍ଯ୍ୟକ୍ରମ ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ବିଚାର ପ୍ରକାଶ କରିବାର ଦକ୍ଷତା ଓ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି କରିବା ସହ ଏକ ସଚେତନ ଓ ଦାୟିତ୍ୱବାନ ନାଗରିକ ସମାଜ ଗଠନରେ ସହାୟକ ହେବ ବୋଲି ଅତିଥିମାନେ ମତ ଦେଇଥିଲେ ।

ଦେଶର ଶ୍ରେଷ୍ଠ ୫ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ସ୍ଥାନ ପାଇଲା କେନ୍ଦୁଝରର ରାଙ୍କି

ରାଷ୍ଟ୍ରପତିଙ୍କ ଦ୍ୱାରା ଜିଲ୍ଲାପାଳ ସମ୍ବର୍ଦ୍ଧିତ



କେନ୍ଦୁଝର, ନ୍ୟୁଜ୍

ଜନଜାତି ଶିକ୍ଷା କ୍ଷେତ୍ରରେ କେନ୍ଦୁଝର ଜିଲ୍ଲା ପାଇଁ ଏକ ଗୌରବମୟ ଅଧ୍ୟାୟ ଯୋଡ଼ି ହୋଇଛି । ଜାତୀୟସ୍ତରରେ ଶ୍ରେଷ୍ଠ ୫ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (EMRS) ମଧ୍ୟରେ କେନ୍ଦୁଝର ଜିଲ୍ଲାର ରାଙ୍କି ସ୍ଥିତ ଇଏମ୍‌ଆର୍‌ଏସ୍ ସ୍ଥାନ ପାଇଛି । ଏହି ଉଲ୍ଲେଖନୀୟ ସଫଳତା ପାଇଁ ମାନନୀୟା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜିଲ୍ଲାପାଳ ବିଶାଲ ସିଂହଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଏହି ଅବସରରେ ଓଡ଼ିଶା ଆଦର୍ଶ ଜନଜାତି ଶିକ୍ଷା ସମିତି ସଚିବ ସୁରେନ୍ଦ୍ର କୁମାର ମୀନା, ରାଙ୍କି ଏକଲବ୍ୟ ବିଦ୍ୟାଳୟର ପ୍ରିନ୍ସିପାଲ ରବିଶଙ୍କର ଚୌଧୁରୀ ମଧ୍ୟ ଉପସ୍ଥିତ ରହିଥିଲେ । ସୂଚନାଯୋଗ୍ୟ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ ତମ ଜୟନ୍ତୀ ଅବସରରେ ଆୟୋଜିତ ଜନଜାତିୟ ଗୌରବ ପକ୍ଷ-୨୦୨୬ ଅନ୍ତର୍ଗତ ନଭେମ୍ବର ୧୨ ତାରିଖରେ ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ରାଷ୍ଟ୍ରପତି ଦେଶର ବିଭିନ୍ନ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀ ଓ ପୂର୍ବତନ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ । ଜନଜାତି ଶିକ୍ଷାର ପ୍ରସାର ଦିଗରେ କେନ୍ଦୁଝର ଜିଲ୍ଲା ନିରନ୍ତର ଅଗ୍ରସର ହେଉଛି । ବର୍ତ୍ତମାନ ଜିଲ୍ଲାରେ ୮ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଶିକ୍ଷାଦାନ ଜାରି ରହିଛି । ଏହା ସହିତ ଯୋଡ଼ା ଏବଂ ଝୁମ୍ପୁରା ବ୍ଲକରେ ଆଉ ଦୁଇଟି ଇଏମ୍‌ଆର୍‌ଏସ୍ ସ୍ଥାପନ ପାଇଁ ପ୍ରଶାସନିକ ଅନୁମୋଦନ ମିଳିଛି । ଏହି ଦୁଇଟି ବିଦ୍ୟାଳୟ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବା ସହ ଜିଲ୍ଲାରେ ଏକଲବ୍ୟ ବିଦ୍ୟାଳୟ ସଂଖ୍ୟା ୧୦ରେ ପହଞ୍ଚିବ । ଏହି ସଫଳତା ଜିଲ୍ଲାର ଶିକ୍ଷାଗତ ଉତ୍କର୍ଷତା ସହ ଜନଜାତି ସମ୍ପ୍ରଦାୟର ଶିଶୁ ଓ ଯୁବପିଢ଼ିଙ୍କୁ ଗୁଣାତ୍ମକ ଶିକ୍ଷା, ସମାନ ସୁଯୋଗ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପ୍ରଦାନ ଦିଗରେ କେନ୍ଦୁଝର ଜିଲ୍ଲା ପ୍ରଶାସନର ପ୍ରତିବଦ୍ଧତାର ପ୍ରତିଫଳନ ।

ଜଗତସିଂହପୁର ଜିଲ୍ଲାରେ ଭାରିଯାନ ଚଳାଚଳ ଓ ପାର୍କିଂ ଉପରେ କଟକଣା

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲାରେ ସଡ଼କ ସୁରକ୍ଷା ଓ ନାଗରିକ ନିରାପତ୍ତାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଜେ. ସୋନାଲ୍ ମୋଟର ଯାନ ଆକ୍ଟ ୧୯୮୮ର ଧାରା ୧୧୫ ଓ ୧୧୬ ଅନ୍ତର୍ଗତ ଭାରୀ ଯାନ ଚଳାଚଳ ଏବଂ ଗାଡ଼ି ପାର୍କିଂ ଉପରେ କେତେକ କଟକଣା ଲାଗୁ କରିଛନ୍ତି । ଜଗତସିଂହପୁର ପୌରପରିଷଦ ଅଧୀନରେ ଭାରୀ ଯାନ ଚଳାଚଳ ଯୋଗୁଁ ଉପୁଜୁଥିବା ଟ୍ରାଫିକ ସମସ୍ୟା ଓ ସାଧାରଣ ଜନତାଙ୍କ ଯାତାୟାତ ଅସୁବିଧାକୁ ଦୃଷ୍ଟିରେ ରଖି ସକାଳ ୮ଟାରୁ ସକାଳ ୧୧ଟା ଏବଂ ଅପରାହ୍ନ ୩ଟାରୁ ସଂଧ୍ୟା ୭ଟା ପର୍ଯ୍ୟନ୍ତ ପୌରାଞ୍ଚଳରେ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି । ସେହିପରି ଆଳିପିଙ୍ଗଳରୁ ଜଗତସିଂହପୁର ପର୍ଯ୍ୟନ୍ତ ବାଲି, ଲୁହା ପଥର, କ୍ରୋମିୟମ, କୋଇଲା ପରିବହନ କରୁଥିବା ୬ରୁ ଉର୍ଦ୍ଧ୍ୱ ଚକା ଥିବା ଟ୍ରକ୍/ଟିପ୍ପର ଗୁଡ଼ିକ ବାରମ୍ବାର ଦୁର୍ଘଟଣାର କାରଣ ପାଲଟିଛି । ସେଥିପାଇଁ ଏହି ସବୁ ଯାନ ଉପରେ ସକାଳ ୫ଟାରୁ ରାତ୍ର ୧୧ଟ ପର୍ଯ୍ୟନ୍ତ ଆଳିପିଙ୍ଗଳରୁ ଜଗତସିଂହପୁର ରାସ୍ତାରେ କଟକଣା ଲାଗୁ କରାଯାଇଛି । ରାଜ୍ୟ ରାଜପଥ-୧୨ ଅନ୍ତର୍ଗତ କଟକରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଲୁହା ପଥର, କ୍ରୋମିୟମ, କୋଇଲା, ଗ୍ୟାସ୍, ତେଲ ଓ ଭାରୀ ଯନ୍ତ୍ରାଂଶ ପରିବହନ କରୁଥିବା ୧୦ରୁ ଉର୍ଦ୍ଧ୍ୱ ଚକା ଥିବା ଟ୍ରକ୍, ଟ୍ରେଲର ଓ ଟ୍ୟାଙ୍କର ଗୁଡ଼ିକ ଉପରେ ଜିଲ୍ଲାର ରାଜ୍ୟ ରାଜପଥ-୧୨ରେ କଟକଣା ଲାଗୁ କରାଯାଇଛି । ସେହିପରି ଜଗତସିଂହପୁର-ଜୟପୁର ରାସ୍ତା ଅଧିନସ୍ଥ ପୋଲିସ ଷ୍ଟେସନ୍ ଛକ ଠାରୁ ଖୁଣ୍ଟିଆ ଡ୍ରେସ୍ ସୋ ରୁମ୍ ପର୍ଯ୍ୟନ୍ତ ଏବଂ ପୋଲିସ୍ ଷ୍ଟେସନ୍ ଛକର ବାମ ପାର୍ଶ୍ୱରୁ ଟାଉନ୍ ହଲ୍ ଛକ ପର୍ଯ୍ୟନ୍ତ ନୋ ପାର୍କିଂ ଜୋନ୍ ଘୋଷଣା କରାଯାଇଛି । ବସ୍ ଷ୍ଟାଣ୍ଡରୁ ମେଡିକାଲ୍ ଏବଂ ପୋଲିସ୍ ଷ୍ଟେସନ୍ ଛକରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାର୍କିଙ୍ଗ କଟକଣା ଜାରି କରିଛନ୍ତି । ସେହିପରି ଆଳିପିଙ୍ଗଳ ଠାରେ ଦେବୀ ନଦୀର ହାଇଲେବଲ ବ୍ରିଜ୍ ଉପରେ ବାଲି, ଲୁହା ପଥର, କ୍ରୋମିୟମ୍, କୋଇଲା ପରିବହନ କରୁଥିବା ଭାରୀ ଯାନ ଗୁଡ଼ିକ ଉପରେ କଟକଣା ଜାରି କରିଛନ୍ତି । ଅନ୍ୟପକ୍ଷେ ପାରାଦ୍ୱୀପର ଜିରୋ ପଏଣ୍ଟ ଠାରୁ ଅଠରବାଙ୍କୀ ପର୍ଯ୍ୟନ୍ତ ରାସ୍ତାରେ ଭାରୀ ଯାନ ପାର୍କିଂ ଯୋଗୁଁ ସୃଷ୍ଟି ହେଉଥିବା ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି ଏହାକୁ 'ନୋ ପାର୍କିଂ 'ଜୋନ୍ ଘୋଷଣା କରାଯାଇଛି । ସେହିପରି ଅଏଲ୍ ଚର୍ମିନାଲ୍ ଠାରୁ କାର୍ଗିଲ୍ ଛକ ମଧ୍ୟରେ ପେଟ୍ରୋଲିୟମ୍ ଜାତ ପଦାର୍ଥ ବହନ କରୁଥିବା ଟ୍ୟାଙ୍କର ଗୁଡ଼ିକ ଉପରେ କଟକଣା ଜାରି କରିଛନ୍ତି । ତୈଳ ଶୂନ୍ୟ ଅଏଲ୍ ଟ୍ୟାଙ୍କର ଗୁଡ଼ିକ କାର୍ଗିଲ୍ ଛକ ଦେଇ ଚଳାଚଳ କରିବେ ଓ ତୈଳ ପୂର୍ଣ୍ଣ ହେଲା ପରେ ସେଗୁଡ଼ିକ ପିପିଏଲ୍ ଜଙ୍କସନ୍ ଦେଇ ପିପିଏଲ୍ ଛକ ବାଟେ ପ୍ରସ୍ଥାନ କରିବେ । ଏହି ସମସ୍ତ କଟକଣା ଗୁଡ଼ିକ ଜିଲ୍ଲାରେ ୧୦.୧୨.୨୦୨୬ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

'ଆପଣ କେମିତି ଅଛନ୍ତି' କାର୍ଯ୍ୟକ୍ରମ

ବରିଷ୍ଠ ଚିକିତ୍ସାବିତ ଡା. ନିରଞ୍ଜନ ତ୍ରିପାଠୀଙ୍କୁ ଭେଟିଲେ ମେୟର



କଟକ, ନ୍ୟୁଜ୍ ବ୍ୟୁରୋ

ବରିଷ୍ଠ ନାଗରିକଙ୍କ ସୁଖଦୁଃଖ ବୁଝିବା ସହ ସେମାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ କଟକ ମହାନଗର ନିଗମ ପକ୍ଷରୁ ଜାରି ରହିଛି ଅଭିନବ ଜନସମ୍ପର୍କ କାର୍ଯ୍ୟକ୍ରମ 'ଆପଣ କେମିତି ଅଛନ୍ତି ?' ଏହି କ୍ରମରେ କଟକର ବିଶିଷ୍ଟ ଚିକିତ୍ସାବିତ୍, ଶିକ୍ଷାବିତ୍ ତଥା ସମାଜସେବୀ ପ୍ରଫେସର ଡଃ ନିରଞ୍ଜନ ତ୍ରିପାଠୀଙ୍କୁ ଭେଟି ତାଙ୍କର ସ୍ୱାସ୍ଥ୍ୟ ଓ ଭଲମନ୍ଦ ପଚାରି ବୁଝିଛନ୍ତି କଟକ ମହାନଗର ନିଗମର ମେୟର ସୁବାସ ସିଂହ । ଏହି ସାକ୍ଷାତ ସମୟରେ ଡଃ ତ୍ରିପାଠୀଙ୍କ ଦୀର୍ଘ ଅନୁଭୂତି, ଚିକିତ୍ସା ଓ ଶିକ୍ଷା କ୍ଷେତ୍ରରେ ଅବଦାନ ସମ୍ପର୍କରେ ଆଲୋଚନା ହୋଇଥିଲା । ୧୯୪୨ ମସିହାରେ ଜନ୍ମିତ ଡଃ ତ୍ରିପାଠୀ ୧୯୭୨ ମସିହାରେ ଜେନେରାଲ୍ ମେଡିସିନ୍‌ରେ ଏମ୍‌ଡି ଡିଗ୍ରୀ ହାସଲ କରିଥିଲେ । ୧୯୬୫ ମସିହାରେ ଓଡ଼ିଶା ମେଡିକାଲ୍ ସର୍ଭିସ୍‌ରେ ଯୋଗଦେଇ ସେ ନିଜର ଚିକିତ୍ସା ଜୀବନ ଆରମ୍ଭ କରିଥିଲେ । କଟକସ୍ଥିତ ଏସ୍‌ସିବି ମେଡିକାଲ୍ କଲେଜରେ ଶିକ୍ଷାଦାନ କରିବା ସହ ହରିୟାଣାର ହିସାର ସ୍ଥିତ ଏମ୍‌ଏ ମେଡିକାଲ୍ କଲେଜରେ ମେଡିସିନ୍ ବିଭାଗର ପ୍ରଫେସର ଓ ବିଭାଗୀୟ ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇଥିଲେ । ଚିକିତ୍ସା କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ଓ ଅବଦାନ ପାଇଁ ସେ ଦେଶବିଦେଶର ବିଭିନ୍ନ ପ୍ରତିଷ୍ଠିତ ଚିକିତ୍ସା ସଂଗଠନ ସହ ଜଡ଼ିତ ରହିଛନ୍ତି । ଇଣ୍ଟରନ୍ୟାସ୍‌ନାଲ୍ କଲେଜ ଅଫ୍ ଆଞ୍ଜିଓଲୋଜି, ଇଣ୍ଟରନ୍ୟାସ୍‌ନାଲ୍ କଲେଜ ଅଫ୍ ଚେଷ୍ଟ ଫିଜିସିଆନ୍ସ, ଇଣ୍ଡିଆନ୍ କଲେଜ ଅଫ୍ ଫିଜିସିଆନ୍ସ ଓ ଇଣ୍ଡିଆନ୍ କଲେଜ ଅଫ୍ କାର୍ଡିଓଲୋଜି ସମେତ ଅନେକ ସଂସ୍ଥାର ଫେଲୋସିପ୍ ଓ ସଦସ୍ୟତା ହାସଲ କରିଛନ୍ତି । ଏଥିସହ ଆସୋସିଏସନ୍ ଅଫ୍ ଫିଜିସିଆନ୍ସ ଅଫ୍ ଇଣ୍ଡିଆର ଓଡ଼ିଶା ଶାଖା ଏବଂ ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍‌ର କଟକ ଶାଖାର ସଭାପତି ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି । କେବଳ ଚିକିତ୍ସା ଓ ଶିକ୍ଷା ନୁହେଁ, ସମାଜସେବା କ୍ଷେତ୍ରରେ ମଧ୍ୟ ଡଃ ତ୍ରିପାଠୀଙ୍କ ଅବଦାନ ଉଲ୍ଲେଖନୀୟ । ଜଣେ ସକ୍ରିୟ ରୋଟାରିଆନ୍ ଭାବେ ଓଡ଼ିଶା ଓ ହରିୟାଣାର ବିଭିନ୍ନ ଅଞ୍ଚଳରେ ୧୦୦ରୁ ଅଧିକ ସ୍ୱାସ୍ଥ୍ୟ ଓ ଚକ୍ଷୁ ଚିକିତ୍ସା ଶିବିର ଆୟୋଜନରେ ସେ ସହଯୋଗ କରିଛନ୍ତି । ୧୯୮୯ରୁ ୨୦୦୫ ମସିହା ପର୍ଯ୍ୟନ୍ତ କଟକ ଜୁଭେନାଇଲ୍ ଓ୍ୱେଲଫେୟାର ବୋର୍ଡର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇ ଶିଶୁ ଓ କିଶୋରଙ୍କ କଲ୍ୟାଣ କ୍ଷେତ୍ରରେ ମଧ୍ୟ କାର୍ଯ୍ୟ କରିଥିଲେ । ସାହିତ୍ୟ ଓ ଗବେଷଣା କ୍ଷେତ୍ରରେ ମଧ୍ୟ ତାଙ୍କର ରହିଛି ସ୍ୱତନ୍ତ୍ର ପରିଚୟ । ଜାତୀୟ ଓ ଆନ୍ତର୍ଜାତୀୟ ପତ୍ରିକାରେ ତାଙ୍କର ୪୦ରୁ ଅଧିକ ଗବେଷଣାମୂଳକ ପ୍ରବନ୍ଧ ପ୍ରକାଶ ପାଇଥିବାବେଳେ ସେ ୧୧ଟି ପୁସ୍ତକ ରଚନା କରିଛନ୍ତି । ତାଙ୍କ ରଚିତ 'ଆଧୁନିକ ରୋଗ ବିଜ୍ଞାନ' ପୁସ୍ତକ ବେଶ୍ ଚର୍ଚ୍ଚିତ । ଚିକିତ୍ସା, ଶିକ୍ଷା, ଗବେଷଣା ଓ ସମାଜସେବା କ୍ଷେତ୍ରରେ ଅବଦାନ ପାଇଁ ସେ ରାଜ୍ୟପାଳ, ଓଡ଼ିଶା ସାହିତ୍ୟ ଏକାଡେମୀ ଓ ବିଜ୍ଞାନ ପ୍ରଚାର ସମିତି ସମେତ ୨୦ରୁ ଅଧିକ ସଂସ୍ଥା ପକ୍ଷରୁ ସମ୍ମାନିତ ହୋଇଛନ୍ତି । ସାକ୍ଷାତ ସମୟରେ ମେୟର ସୁବାସ ସିଂହ ଡଃ ତ୍ରିପାଠୀଙ୍କ ଦୀର୍ଘଦିନର ଅଭିଜ୍ଞତା ଓ ସମାଜ ପ୍ରତି ତାଙ୍କର ଅବଦାନକୁ ସମ୍ମାନ ଜଣାଇଥିଲେ । ଏହି ଅବସରରେ ସ୍ଥାନୀୟ କର୍ପୋରେଟର ଗଗନ କୁମାର ଓଝା ମଧ୍ୟ ଉପସ୍ଥିତ ରହି ଡଃ ତ୍ରିପାଠୀଙ୍କ ସହ ଭାବବିନିମୟ କରିଥିଲେ । ବରିଷ୍ଠ ନାଗରିକଙ୍କ ଅନୁଭୂତି ଓ ଜୀବନବ୍ୟାପୀ ସମାଜ ପ୍ରତି ରହିଥିବା ଅବଦାନକୁ ସମ୍ମାନ ଜଣାଇବା ସହ ସେମାନଙ୍କ ସହ ଆତ୍ମୀୟ ସମ୍ପର୍କ ସ୍ଥାପନ କରିବା ହେଉଛି 'ଆପଣ କେମିତି ଅଛନ୍ତି ?' କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । କଟକ ମହାନଗର ନିଗମର ଏହି ପଦକ୍ଷେପ ବରିଷ୍ଠ ନାଗରିକଙ୍କ ପ୍ରତି ସମ୍ମାନ ଓ ସାମାଜିକ ସମ୍ପର୍କକୁ ଆହୁ

ପକ୍ଷାତଳୀୟ

32 YEARS
ସମ୍ବାଦ କଲିକା

ଡିସେମ୍ବରରେ ପୁଣି ବଢ଼ିପାରେ ରେପୋ ରେଟ୍

ମୁଦ୍ରାସ୍ଫୀତିର ପ୍ରଭାବ ବର୍ତ୍ତମାନ ସାଧାରଣ ଲୋକଙ୍କ ପକେଟ୍ ବା ଖର୍ଚ୍ଚ ଉପରେ ସୀମିତ ନ ରହି, ତାଙ୍କର ଇଏମଆଇ ଉପରେ ମଧ୍ୟ ପଡ଼ିପାରେ। ଡିସେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ମୁଦ୍ରା ନୀତି କମିଟି (MPC) ବୈଠକରେ ଭାରତୀୟ ରିଜର୍ଭ ବ୍ୟାଙ୍କ (RBI) ସୁଧ ହାର ସମ୍ବନ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରେ। ଏସବିଆଇ (SBI) ରିସର୍ଚ୍ଚ ରିପୋର୍ଟ ଅନୁଯାୟୀ, କେନ୍ଦ୍ରୀୟ ବ୍ୟାଙ୍କ 'ରେପୋ ରେଟ୍'କୁ ୦.୨୫ ପ୍ରତିଶତ ବା ୨୫ ବେସିସ୍ ପଏଣ୍ଟ ବୃଦ୍ଧି କରିପାରେ। ତେବେ, ରିପୋର୍ଟରେ କୁହାଯାଇଛି ଯେ ୦.୫୦ ପ୍ରତିଶତ ଭଳି ଅଧିକ ବୃଦ୍ଧି ହେବାର ସମ୍ଭାବନା କମ୍ ରହିଛି। ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ, ଖୁଚୁରା ମୁଦ୍ରାସ୍ଫୀତି ହାର ୬.୦୯ ପ୍ରତିଶତକୁ ବୃଦ୍ଧି ପାଇଛି। ନୂତନ ତଥ୍ୟ ଶୃଙ୍ଖଳ (data series) ଆରମ୍ଭ ହେବା ପରଠାରୁ ପ୍ରଥମ ଥର ପାଇଁ, ମୁଦ୍ରାସ୍ଫୀତି ଆରବିଆଇ ଦ୍ୱାରା ନିର୍ଦ୍ଧାରିତ ୨ ରୁ ୬ ପ୍ରତିଶତର ଲକ୍ଷ୍ୟ ସୀମାକୁ ଅତିକ୍ରମ କରିଯାଇଛି। ରିପୋର୍ଟ ଅନୁଯାୟୀ, ଆସନ୍ତା ମାସରେ ମଧ୍ୟ ମୁଦ୍ରାସ୍ଫୀତି ୬ ପ୍ରତିଶତରୁ ଅଧିକ ରହିପାରେ। ତେବେ, ଏହା ପରେ ଏଥିରେ ହ୍ରାସ ଆସିବ ବୋଲି ଆଶା କରାଯାଉଛି। 'ଏସବିଆଇ ରିସର୍ଚ୍ଚ' ର ଆକଳନ ଅନୁଯାୟୀ, ଡିସେମ୍ବର ମାସରେ ହେବାକୁ ଥିବା ବୈଠକରେ 'ରେପୋ ରେଟ୍' ବର୍ତ୍ତମାନର ୫.୫୦% ରୁ ବୃଦ୍ଧି ପାଇ ୫.୭୫% ହୋଇପାରେ। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯଦିଓ ମୁଦ୍ରାସ୍ଫୀତି, ଟଙ୍କାର ସ୍ଥିତି ଏବଂ ଆନ୍ତର୍ଜାତୀୟ ବଜାରରୁ ସୃଷ୍ଟି ହେଉଥିବା କିଛି ଚାପ କ୍ଷେତ୍ରରେ ସାମାନ୍ୟ ଆଶ୍ୱସ୍ତିର ସଙ୍କେତ ମିଳୁଛି, ତଥାପି ବର୍ତ୍ତମାନର ଆର୍ଥିକ ପରିସ୍ଥିତି ସୁଧ ହାରରେ ସାମାନ୍ୟ ବୃଦ୍ଧି ହେବାର ସମ୍ଭାବନା ରହିଛି। ଏସବିଆ ରିସର୍ଚ୍ଚର ମତ ଅନୁଯାୟୀ, କ୍ରମାଗତ ଭାବେ ସୁଧ ହାର ବୃଦ୍ଧି ପାଇବାର ସମ୍ଭାବନା ବର୍ତ୍ତମାନ ହ୍ରାସ ପାଉଛି। ରିପୋର୍ଟ ଅନୁସାରେ, ସର୍ବୋଚ୍ଚ ରେପୋ ହାର (terminal repo rate) ପ୍ରାୟ ୬ ପ୍ରତିଶତରେ ସ୍ଥିର ହୋଇପାରେ, ଅବଶ୍ୟ ଏହା ୫.୭୫ ପ୍ରତିଶତରେ ସ୍ଥିର ହେବାର ସମ୍ଭାବନା ମଧ୍ୟ ରହିଛି। ଫେବୃଆରୀରେ ପୁନର୍ବାର ସୁଧ ହାର ବୃଦ୍ଧି କରିବା ପରିବର୍ତ୍ତେ, କେନ୍ଦ୍ରୀୟ ବ୍ୟାଙ୍କ ଆର୍ଥିକ ତଥ୍ୟ ଉପରେ ଆଧାର କରି ନିଜର ନିଷ୍ପତ୍ତି ନେଇପାରେ। ଏହି ପରିପ୍ରେକ୍ଷୀରେ, ମୁଦ୍ରା ନୀତି କମିଟି (MPC) ର ଡିସେମ୍ବର ବୈଠକ ସାଧାରଣ ଜନତା, ଋଣ ନେଇଥିବା ବ୍ୟକ୍ତି ଏବଂ ନିବେଶକମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ। ତେବେ, ରେପୋ ହାରରେ କୌଣସି ପରିବର୍ତ୍ତନ ସମ୍ବନ୍ଧୀୟ ଚୂଡ଼ାନ୍ତ ନିଷ୍ପତ୍ତି ଶେଷରେ ଆରବିଆଇ ଉପରେ ହିଁ ନିର୍ଭର କରିବ। ଏହି ରିପୋର୍ଟ ଭାରତ ପାଇଁ କିଛି ସକାରାତ୍ମକ ସଙ୍କେତ ମଧ୍ୟ ଦର୍ଶାଇଛି। କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ (AI) କ୍ଷେତ୍ରରେ ଉନ୍ନତ ପରିବେଶ ଭାରତୀୟ ବଜାରର ଆକର୍ଷଣ ବଢ଼ାଇପାରେ, ଯାହା ଫଳରେ ବିଦେଶୀ ସଂସ୍ଥାଗତ ନିବେଶକ (FII)ଙ୍କ ପକ୍ଷରୁ ନିବେଶ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ରିପୋର୍ଟ ଅନୁଯାୟୀ, ନଭେମ୍ବର ୬ ତାରିଖରୁ ବର୍ତ୍ତମାନ ସୁଦ୍ଧା ଏଫଆଇଆଇ ନିବେଶ ପ୍ରାୟ ୭.୬୫ ବିଲିୟନ ଡଲାରରେ ପହଞ୍ଚିଛି। ଏହା ବ୍ୟତୀତ, ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ହ୍ରାସ ପାଇବାର ସମ୍ଭାବନା ଅଶୋଧିତ ତୈଳ ମୂଲ୍ୟ ସମ୍ବନ୍ଧରେ କିଛି ଆଶ୍ୱସ୍ତି ଆଣିପାରେ। ଆମେରିକା ନିର୍ବାଚନ ପରଠାରୁ ତେଲ ଦରରେ ପ୍ରାୟ ୧୧ ପ୍ରତିଶତ ହ୍ରାସ ପରିଲକ୍ଷିତ ହୋଇଛି। ଅନୁମାନ କରାଯାଉଛି ଯେ, ଏହାର ହାରାହାରି ମୂଲ ପ୍ରତି ବ୍ୟାରେଲ୍ ପିଛା ୮୭ ଡଲାର ପାଖାପାଖି ରହିପାରେ।



ନିଶାପ

(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ରାସ୍ତା

ରାସ୍ତା ଖୋଜୁ ଖୋଜୁ ମୁଁ ହଜିଗଲି ସରଳ ରାସ୍ତାରେ ସରଳ ମାର୍ଗରେ, ସେ ସରଳ ରାସ୍ତାର ଅର୍ଥ ହେଉଛି ବାରାଙ୍ଗୁଲୁ ବାଇର ପଥ, କିନ୍ତୁ ତୁମେମାନେ ମୋତେ ବାହ୍ୟ ଉପରେ ଖୋଜିଲେ ପାଇବ କେମିତି । ହେ ଭକ୍ତ, ତୁମେ ସରଳ ହୋଇଯାଅ । ବାହ୍ୟାଡମ୍ବରୁ ନିଜକୁ ମୁକ୍ତ କର । କାରଣ ବାହ୍ୟାଡମ୍ବର ବନ୍ଧନର କାରଣ, ମୁକ୍ତିର ମାର୍ଗ ନୁହେଁ । ସେତ ସଇତାନର ମାର୍ଗ, ସଇତାନର ମାର୍ଗ ନୁହେଁ । ମୋତେ ଖୋଜିଲେ ସେଠାରେ ପାଇବ କେମିତି । ମୁଁ ତ ସେଇ ପରମଧନର ବିଭୂତି ମୁଁ ତ ସେଇ ପରମାତ୍ମାର ସମ୍ପତି । ମୁଁ ସେଇ ସମ୍ପତିର ଚାଷୀ । ମୁଁ ସେଠାରେ ଚାଷ କରୁଛି । ମୋତେ ଖୋଜିବା ବୁଝିବା ଏତେ ସହଜ ନୁହେଁ । ମାଟି ଘଟରେ ରହି ମୁଁ ମୋ ମାକୁ ତ ଭୁଲି ପାରିବିନାହିଁ । ଗୁରୁଙ୍କୁ ତ ଭୁଲିପାରିବି ନାହିଁ । ଇଶ୍ୱରଙ୍କୁ ତ ଭୁଲି ପାରିବି ନାହିଁ । ତେଣୁ କାହାକଥାରେ ମୋତେ କଣ ମିଳୁଛି । ମୁଁ ତ ରାସ୍ତା ଭୁଲି ପାରିବି ନାହିଁ କି ପଛକୁ ଫେରି ପାରିବି ନାହିଁ । ମୁଁ ମୁକ୍ତିର ପଥ ପାଇ ଯୁକ୍ତର ବଶରେ କାହିଁକି ପଶିବି । ଇଶ୍ୱରଯୁକ୍ତ ପ୍ରାପ୍ତି ପାଇଁ ବ୍ୟାକୁଳ ହେବା ହେଉଛି ଅଧପତନର କାରଣ । ତେଣୁ ହେ ଭକ୍ତ ପଥ ଭୂଲନାହିଁ । ଯେତେ କଷ୍ଟ କଷ୍ଟପଡୁ । ଯୀଶୁଖ୍ରୀଷ୍ଟଙ୍କୁ ଲୁହାର କଣ୍ଟା ବାଡେଇ ମାରିଲେ । ସେ କଣ ଅଭିଶାପ ଦେଲେ । କିନ୍ତୁ ତୁମେ ସହସ୍ର ସହସ୍ର ବାକ୍ୟରେ ତୀକ୍ଷ୍ଣଛୁରୀକା ଆଘାତ କଲେ ମୋର କିଛି କ୍ଷତି ହେବନାହିଁ। ସବୁବେଳେ ମୁଁ ହସୁଛି ଏବଂ ହସୁଥିବି କାହିଁକି ନା ତୁମମାନଙ୍କର ଅଜ୍ଞାନତା ହେତୁ ଆଉ ଯେତେବେଳେ ତୁମର ଜ୍ଞାନ ଚକ୍ଷୁ ଫିଟିଯିବ ତୁମେ ଦେଖିବ ସେତେବେଳେ ଭାବିବ ଆମେ କଣ କରୁଥିଲୁ । ସେତେବେଳ ପର୍ଯ୍ୟନ୍ତ ବି ତୁମମାନଙ୍କ ପାଇଁ କ୍ଷମାର ଦ୍ୱାର ଖୋଲା ରହିଥିବ ଏଥିରେ ତିଳେ ହେଲେ ସନ୍ଦେହ ନାହିଁ । ଏବେବି ସମୟ ଅଛି, ତୁମେ ଯାହା ଭାବୁଛ ତାହା ଏକ ମାୟାର ଆବରଣ ତା ଭିତରୁ ବାହାରି ଆସି ନିଜକୁ ଚିହ୍ନ, ତୁମର ଅନ୍ତର ଆତ୍ମାକୁ ଦେଖ, ତୁମେ କିଏ ? ନଦୀ ଯେତେ ବଢିଲେ ବି ସିନ୍ଧୁର ଏକ ବିନ୍ଦୁ । ଏହାହିଁ ସତ୍ୟ ଅସତ୍ୟକୁ ଉପଲବ୍ଧ କରି, ସତ୍ୟକୁ ମାଳା କରି ଅସତ୍ୟର ସନ୍ଧାନୀ ହୁଅ ନାହିଁ । କୁଚକ୍ରୀ ଠାରୁ ଦୂରେଇ ରୁହ । ମିଠା କଥାରେ ପୁତନାର ବିଷ ରହିଲା ପରି ସେ କଥା ଶୁଣନାହିଁ ।



ଚିତ୍ତରଞ୍ଜନ ପୃଷ୍ଟି
ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

ଶିଶୁ ହସିଲେ ଦୁନିଆ ହସିବ

ଆଜିର ଶିଶୁ ଆସନ୍ତାକାଲିର ନାଗରିକ । ଶିଶୁ ହେଉଛି ଈଶ୍ୱରଙ୍କ ପ୍ରତିରୂପ । ଶିଶୁମାନେ ହେଉଛନ୍ତି ଦେଶର ଶକ୍ତି ଓ ପ୍ରଗତିର ସୂତ୍ରଧାର । ସେ ଭବିଷ୍ୟତରେ ଦେଶର ନାଗରିକ ଓ ଦେଶର କର୍ଣ୍ଣଧାର ରୂପେ ପ୍ରତୀୟମାନ ହୋଇଥାନ୍ତି । ଏଣୁ ଦେଶର ସାମଗ୍ରିକ ବିକାଶ ଶିଶୁମାନଙ୍କ ଉପରେ ହିଁ ନିର୍ଭର କରିଥାଏ। ଦେଶ ନିର୍ମାଣରେ ଶିଶୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେମାନେ ଦେଶର ଭବିଷ୍ୟତ ହୋଇଥିବାରୁ ସେମାନଙ୍କ ଭିତରେ ଅପାର ସମ୍ଭାବନା ରହିଛି ଏବଂ ତାହାକୁ ଗଠନମୂଳକ ଢଙ୍ଗରେ ପରିଚାଳନା କରିବାର ଦାୟିତ୍ୱ ହେଉଛି ରାଷ୍ଟ୍ରର। ଶିଶୁଙ୍କ କଅଁଳ କାନ୍ଧ ଉପରେ ଭରସା କରୁଛି ଏ ଦେଶ, ଜାତି ତଥା ଜନ୍ମଭୂମି । ଶିଶୁମାନେ ହେଉଛନ୍ତି ଦେଶର ସମ୍ପତ୍ତି । ସେମାନଙ୍କ ଭିତରେ ସୁନାର ଭାରତ ଗଠନ କରିବାର ଶକ୍ତି ରହିଛି ।

ସେହି କୋମଳମତି ଶିଶୁ ମାନଙ୍କୁ ହୃଦୟରୁ ଭଲ ପାଉଥିବା ମଣିଷ ହେଉଛନ୍ତି ପଣ୍ଡିତ ଜବାହାରଲାଲ ନେହେରୁ । ମହାନ ସ୍ୱାଧୀନତା ସଂଗ୍ରାମୀ ଓ ରାଜନେତା ଜବାହାରଲାଲ ନେହେରୁ ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ଆହ୍ଲାବାଦର ଆନନ୍ଦ ଭବନରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତା ମୋତିଲାଲ ନେହେରୁ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ଥିଲେ । ବିଦେଶରୁ ଶିକ୍ଷା ଗ୍ରହଣ କରିଥିଲେ ମଧ୍ୟ ନିଜ ଦେଶପ୍ରତି ତାଙ୍କର ଅଗାଧ ପ୍ରେମ ରହିଥିଲା । ଜବାହାରଲାଲ ନେହେରୁ ଶିଶୁଙ୍କ ପ୍ରତି ରହିଥିବା ଅହେତୁକ ପ୍ରେମ ଓ ସ୍ନେହ ପାଇଁ ପରବର୍ତ୍ତୀ ସମୟରେ ଚାଚା ନେହେରୁ ଭାବେ ପରିଚିତ ହୋଇଥିଲେ । ସେହି ମହାନ ବ୍ୟକ୍ତିଙ୍କର ଜନ୍ମଦିନକୁ ସାରାଦେଶ ଶିଶୁ ଦିବସ ଭାବେ ପାଳନ କରୁଛି। ଶିଶୁମାନଙ୍କ ପ୍ରତି ତାଙ୍କର ସେହି ବିରଳ ଶ୍ରଦ୍ଧାକୁ ସ୍ମରଣୀୟ କରି ରଖିବା ପାଇଁ ପ୍ରତିବର୍ଷ ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ଶିଶୁମାନଙ୍କ ସହ ଜଡ଼ିତ ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କରେ ତାଙ୍କ ଜନ୍ମଦିନକୁ ଶିଶୁଦିବସ ଭାବେ ପାଳନ କରାଯାଇଆସୁଛି। ପଣ୍ଡିତ ନେହେରୁ ଏକଦା କହିଥିଲେ, 'ଆଜିର ଶିଶୁ ଆସନ୍ତାକାଲିର ଭାରତ ନିର୍ମାଣ କରିବେ। ଆମେ ଯେଉଁଭଳି ଭାବେ ସେମାନଙ୍କୁ ଗଢ଼ିବୁ ତାହା ହିଁ ଦେଶର ଭବିଷ୍ୟତ ନିର୍ଦ୍ଧାରଣ କରିବ।' ଶିଶୁର ଶାରୀରିକ ଓ ମାନସିକ ବିକାଶ ହେଉଛି ଦେଶ ବିକାଶର ପ୍ରକୃତ ମାପକାଠି । ଶିଶୁମାନଙ୍କୁ ସେ ଦେଶର ସମ୍ପତ୍ତି ବୋଲି ଭାବୁଥିଲେ ଏବଂ ସେମାନେ ହିଁ ଭବିଷ୍ୟତର ଭାରତ ଗଠନ କରିବେ ବୋଲି ତାଙ୍କର ବିଶ୍ୱାସ ରହିଥିଲା। ଶିଶୁମାନଙ୍କ ସାମର୍ଥ୍ୟ ଉପରେ ତାଙ୍କର ଏପରି ଗଭୀର ଭରସା ରହିଥିଲା ଯେ ସେମାନଙ୍କ ମସ୍ତିଷ୍କର ଦକ୍ଷତାକୁ ଉପଯୋଗ କରିବା ପାଇଁ ସେ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ। ଶିଶୁମାନଙ୍କର କଲ୍ୟାଣକୁ ପ୍ରାଥମିକତା ଦେବା ତଥା ସେମାନଙ୍କ ପାଇଁ ଏକ ଉନ୍ନତ ବିଶ୍ୱ ଗଠନ ପାଇଁ ଜନସାଧାରଣଙ୍କୁ ସଚେତନ କରାଇବା, ପିଲାମାନଙ୍କୁ ସ୍ନେହ ଶ୍ରଦ୍ଧା ଦେବା, ସେମାନଙ୍କ ଯତ୍ନ ନେଇ ସେମାନଙ୍କୁ ଦେଶର ଜଣେ ସୁନାଗରିକ ଭାବେ ଗଢ଼ି ତୋଳିବା ହେଉଛି ଶିଶୁ ଦିବସର ବାର୍ତ୍ତା । ପିଲାମାନେ ହେଉଛନ୍ତି ବୃକ୍ଷର କତ ସଦୃଶ। ସେମାନଙ୍କର ସଠିକ୍ ଯତ୍ନ ଓ ଉଚିତ ଲାଳନପାଳନ କଲେ ହିଁ ଏକ ସୁନ୍ଦର ଫୁଲ ଭାବେ ଫୁଟି ଜଗତର ହିତ ସାଧନ କରିପାରିବେ।

ଦେଶର କୋଣ ଅନୁକୋଣରେ ପଲ୍ଲୀ ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ସବୁଠି ଶିଶୁଦିବସକୁ ଆନନ୍ଦର ସହ ପାଳନ କରାଯାଉଛି । ଶିଶୁଙ୍କ ଅଧିକାର, ଦାୟିତ୍ୱ ଓ ଶିକ୍ଷା ବିଷୟରେ ସଚେତନ କରିବା ଉଦ୍ଦେଶ୍ୟରେ ସାରାଦେଶ ପାଳୁଛି ଏହି ମହାନ ଦିବସ । ମହାନ ନେତା, ଜନନାୟକ, ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ ତଥା ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଉଦ୍ଦେଶ୍ୟରେ ଜାତି ପାଳୁଛି ଶିଶୁଦିବସ । ଦେଶ ନିର୍ମାଣରେ ଶିଶୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି କଥାକୁ ମର୍ମେ ମର୍ମେ ହୃଦୟଙ୍ଗମ କରିଥିଲେ ନେହେରୁ । ଛୋଟ ପିଲାଙ୍କୁ ଆଦରକରୁଥିବା, ସ୍ନେହ କରୁଥିବା ମହାନ ବ୍ୟକ୍ତି ହେଉଛନ୍ତି ଚାଚା ନେହେରୁ । ଫୁଲ ଭଳି ଛୋଟ ପିଲାଙ୍କୁ ସ୍ନେହ କରୁଥିଲେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ନେହେରୁ । ପ୍ରତି ମୁହୂର୍ତ୍ତରେ ତାଙ୍କ କଥା ଚିନ୍ତା କରୁଥିଲେ। ଦେଶର ଗୌରବ, ଦେଶ ନିର୍ମାଣରେ ତାଙ୍କ ଭୂମିକା ଓ ଅଙ୍ଗୀକାରବଦ୍ଧତାକୁ ବୁଝିଥିଲେ ସିଏ। ସେ ଦେଶର ଭବିଷ୍ୟତକୁ ଶିଶୁମାନଙ୍କ ଆଖିରେ ଦେଖୁଥିଲେ। ପଣ୍ଡିତ ଜବାହାରଲାଲ ନେହେରୁଙ୍କ ମତରେ, ଯଦି ଆମେ ଶିଶୁମାନଙ୍କ ଉପଯୁକ୍ତ ଯତ୍ନ ନେବା ତାଙ୍କୁ ଉଚିତ ମାର୍ଗରେ ନେବା, ତେବେ ଆମେ ଏକ ସୁନ୍ଦର ଭାରତ ପରିକଳ୍ପନା କରିପାରିବା । ଦେଶର ସାମଗ୍ରିକ ବିକାଶ ଶିଶୁମାନଙ୍କ ଉପରେ ହିଁ ନିର୍ଭର କରିଥାଏ । ତେଣୁ ଶିଶୁମାନେ ସୁସ୍ଥ ଓ ନିରୋଗ ରହିବା ଆବଶ୍ୟକ। ସେଥିପାଇଁ ନେହେରୁ ସର୍ବଦା ଶିଶୁମାନଙ୍କ ଉନ୍ନତିର ପରିକଳ୍ପନା କରୁଥିଲେ। ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଶତଚେଷ୍ଟିତ ଥିଲେ ନେହେରୁ । ଆମେ ପିଲାମାନଙ୍କୁ ଯେପରି ଗଢି ତୋଳିବା ସେମାନେ ସେହିପରି ଦେଶର ଭବିଷ୍ୟତ ବିଷୟରେ ଚିନ୍ତା କରିବେ। ୧୯୬୪ ମସିହାରେ ନେହେରୁଙ୍କ ମୃତ୍ୟୁ ପରେ ତାଙ୍କର ଜନ୍ମଦିବସକୁ ଶିଶୁମାନଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯିବାକୁ ନିଷ୍ପତ୍ତି ନିଆଗଲା । ପ୍ରଥମଥର ଲାଗି ୧୯୬୫ ମସିହାରେ ଶିଶୁ ଦିବସ ପାଳନ କରାଯାଇଥିଲା । ସେହିଦିନ ଠାରୁ ପ୍ରତ୍ୟକ ବର୍ଷ ଆଜିର ଦିନକୁ ଶିଶୁ ଦିବସ ଭାବେ ପାଳନ କରାଯାଉଛି । ପଣ୍ଡିତ ନେହେରୁଙ୍କ ମତରେ ପିଲାମାନେ ଆମ ସମାଜର ଆଧାର ଅଟନ୍ତି। ତେଣୁ ଏହି ଦିନର ମୂଳ ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କୁ, ପିଲାମାନଙ୍କର ଅଧିକାର ବିଷୟରେ ଶିକ୍ଷା ଦେବା, ସେମାନଙ୍କର ଯତ୍ନ ନେବା ଏବଂ ସେମାନଙ୍କୁ ଭଲ ଶିକ୍ଷା ଦେବା ।

ସମାଜର ବିକାଶ ପାଇଁ ଶିଶୁମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ ଅପରିହାର୍ଯ୍ୟ। ଶିଶୁମାନଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ଏବଂ ଅସୁମାରୀ ସୁଯୋଗ ସୃଷ୍ଟି କରିବା ଦିଗରେ ସମସ୍ତେ ଏକହୋଇ କାମ କରିବା । ଏହି ଦିବସରେ ଶିଶୁଙ୍କ ବିକାଶ ଲଗି ସଂକଳ୍ପ ନେବା ସହିତ ଶିଶୁମାନଙ୍କ ଉପରେ ହେଉଥିବା ନିର୍ଯାତନା, ଶୋଷଣ, ବାଛବିଚାର ତଥା ଶିଶୁ ଶ୍ରମିକ ବିରୋଧରେ ସଚେତନତା ସୃଷ୍ଟି କରିବାରେ ପ୍ରୟାସ କରିବା । ଯେତେବେଳେ ଆମେ ଶିଶୁମାନଙ୍କୁ ମୌଳିକ ଅଧିକାର ପ୍ରଦାନ କରିବା ତା ସହିତ ସେମାନଙ୍କୁ ଶିଶୁତାଲାଣ, ଶିଶୁ ନିର୍ଯାତନା ଓ ଶିଶୁଶ୍ରମ ପରି ସାମାଜିକ କୁପ୍ରଥାରୁ ରକ୍ଷା କରିବା ସେତେବେଳେ ଆମେ ଏକ ସୁରକ୍ଷିତ ଶିଶୁ ସମାଜ ଗଠନରେ ସଫଳ ହୋଇପାରିବା । ଆମେ ଆଜିର ଦିନରେ ସଂକଳ୍ପ ନେବା ପ୍ରତ୍ୟେକ ଶିଶୁକୁ ସୁନାଗରିକ ଭାବେ ଗଢିତୋଳିବା ଏବଂ ତା' ମୁହଁରେ ହସ ଫୁଟାଇବା ତାହାହିଁ ହେବ ଚାଚା ନେହେରୁଙ୍କ ପ୍ରତି ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

ପିଲା ଦିନରେ ମଧୁମେହ: ଏକ ଚିନ୍ତାଜନକ ରୋଗ

ଜନ ଗଣ ସ୍ୱାସ୍ଥ୍ୟ-୧୯



ଡାକ୍ତର ଅଂଶୁମାନ କର
ଅନନ୍ୟ ନିକେତନ ଏନ୍-୧/୧୮୩, ଭୁବନେଶ୍ୱର
ମୋ: ୯୭୭୮୦୩୦୪୯୪

ଟାଇପ୍ ୧ ଡାଇବେଟିସ୍ (Type 1 Diabetes) ହେଉଛି ଏକ ଗମ୍ଭୀର ସ୍ୱାସ୍ଥ୍ୟଗତ ସମସ୍ୟା, ଯାହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ଏବଂ ପାଚକ ତନ୍ତ୍ର ସହିତ ଜଡ଼ିତ। ଏହା ସାଧାରଣତଃ ପିଲାଦିନେ କିମ୍ବା ଯୌବନ ଅବସ୍ଥାର ଆରମ୍ଭରେ ଦେଖାଦେଇଥାଏ। ଟାଇପ୍ ୧ ଡାଇବେଟିସ୍ ଏକ ଅଟୋ-ଇମ୍ୟୁନ୍ (Autoimmune) ରୋଗ। ଏଥିରେ ଶରୀରର ନିଜସ୍ୱ ରୋଗ ପ୍ରତିରୋଧକ ପ୍ରଣାଳୀ (Immune System) ଭୁଲବଶତଃ ଅଗ୍ନ୍ୟାଶୟ (Pancreas)ର ବିଟା କୋଷ (Beta cells) ଗୁଡ଼ିକୁ ଆକ୍ରମଣ କରି ନଷ୍ଟ କରିଦେଇଥାଏ। ଏହି ବିଟା କୋଷଗୁଡ଼ିକ ହିଁ 'ଇନସୁଲିନ୍' ନାମକ ହରମୋନ୍ ତିଆରି କରନ୍ତି, ଯାହା ଆମ ଖାଦ୍ୟରୁ ମିଳୁଥିବା ଶର୍କରା ବା ଗ୍ଲୁକୋଜ୍‌କୁ ଶକ୍ତିରେ ପରିଣତ କରିବାରେ ସାହାଯ୍ୟ କରେ। ଯେତେବେଳେ ଏହି କୋଷଗୁଡ଼ିକ ନଷ୍ଟ ହୋଇଯାଆନ୍ତି, ଶରୀର ଆଉ ଇନସୁଲିନ୍ ପ୍ରସ୍ତୁତ କରିପାରେ ନାହିଁ। ଫଳସ୍ୱରୂପ, ଖାଦ୍ୟରୁ ଆସୁଥିବା ଗ୍ଲୁକୋଜ୍ କୋଷ ଭିତରକୁ ପ୍ରବେଶ ନ କରି ରକ୍ତରେ ଜମା ହେବାକୁଲାଗେ, ଯାହାକୁ ହାଇପରଗ୍ଲାଇସେମିଆ (Hyperglycemia) କୁହାଯାଏ। ଟାଇପ୍ ୧ ଡାଇବେଟିସର ଲକ୍ଷଣଗୁଡ଼ିକ ଅତ୍ୟନ୍ତ ଦ୍ରୁତ ଗତିରେ (ମାତ୍ର କିଛି ସପ୍ତାହ କିମ୍ବା ଦିନ ଭିତରେ) ଦେଖାଯିବାକୁ ଲାଗେ: ଅଧିକ ଶୋଷ ଏବଂ ବାରମ୍ବାର ପରିସ୍ରା ଲାଗିବା, କୌଣସି ସ୍ପଷ୍ଟ କାରଣ ବିନା ଅତ୍ୟନ୍ତ ଭୋକ ଲାଗିବା ଏବଂ ଓଜନ ଦ୍ରୁତ ଗତିରେ କମିଯିବା, ସର୍ବଦା ଅତ୍ୟନ୍ତ କ୍ଲାନ୍ତ ଏବଂ ଦୁର୍ବଳ ଅନୁଭବ କରିବା, ଦୃଷ୍ଟିଶକ୍ତି ଅସ୍ପଷ୍ଟ ହେବା। ଡାକ୍ତରମାନେ ସାଧାରଣତଃ ଫାଷ୍ଟିଂ ବ୍ଲଡ୍ ଗ୍ଲୁକୋଜ୍ ଟେଷ୍ଟ୍, HbA1c ପରୀକ୍ଷା ଏବଂ ରକ୍ତରେ ସ୍ୱତନ୍ତ୍ର ଆଣ୍ଟିବଡ଼ି (Autoantibodies) ଉପସ୍ଥିତି ଯାଞ୍ଚ କରି ଏହି ରୋଗ ନିର୍ଣ୍ଣୟ କରିଥାଆନ୍ତି। ବର୍ତ୍ତମାନର ଚିକିତ୍ସା ବିଜ୍ଞାନ ଅନୁଯାୟୀ, ଟାଇପ୍ ୧ ଡାଇବେଟିସକୁ ସମ୍ପୂର୍ଣ୍ଣ ଭାବରେ ପ୍ରତିରୋଧ କରାଯାଇପାରିବ ନାହିଁ; କାରଣ ଏହା ଜେନେଟିକ୍ (ଜନ୍ମଗତ) ଏବଂ ପରିବେଶଗତ କାରଣରୁ ହୋଇଥାଏ। ତଥାପି, ବୈଜ୍ଞାନିକମାନେ ଏହାର ପ୍ରାରମ୍ଭିକ ସ୍ତରରେ ପ୍ରତିରୋଧ କିମ୍ବା ଏହାର ଆକ୍ରମଣକୁ ବିଳମ୍ବ କରିବା ପାଇଁ ବିଭିନ୍ନ ଇମ୍ୟୁନୋଥେରାପି (Immunotherapy) ଉପରେ ଗବେଷଣା ଜାରି ରଖିଛନ୍ତି। ଯେହେତୁ ଶରୀର ନିଜେ ଇନସୁଲିନ୍ ତିଆରି କରିପାରେ ନାହିଁ, ତେଣୁ ଏହାର ଏକମାତ୍ର ଜୀବନରକ୍ଷକ ଚିକିତ୍ସା ହେଉଛି ବାହ୍ୟରୁ ଇନସୁଲିନ୍ ଗ୍ରହଣ କରିବା: ଇନସୁଲିନ୍ ଥେରାପି: ପ୍ରତିଦିନ ଇନସୁଲିନ୍ ଇଞ୍ଜେକ୍ସନ୍ ମାଧ୍ୟମରେ କିମ୍ବା ଇନସୁଲିନ୍ ପମ୍ପ୍ (Insulin Pump) ଜରିଆରେ ଶରୀରକୁ ଇନସୁଲିନ୍ ଯୋଗାଇବାକୁ ପଡ଼ିଥାଏ। ରକ୍ତ ଶର୍କରା ନିୟମିତ ମାପିବା: ଦିନକୁ କିଭେଥର ଗ୍ଲୁକୋଜ୍ ମିଟର୍ କିମ୍ବା Continuous Glucose Monitor (CGM) ସାହାଯ୍ୟରେ ରକ୍

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୫ ନଭେମ୍ବର, ୨୦୨୬ ରବିବାର



କେନ୍ଦ୍ରାପଡ଼ାରେ ନୂତନ ଉପଜିଲ୍ଲାପାଳଙ୍କ ଯୋଗଦାନ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ



କେନ୍ଦ୍ରାପଡା ଜିଲ୍ଲାରେ ଜ୍ୟୋତିକାନ୍ତ ଭୁଜବଳ ଗୁରୁବାର ଉପଜିଲ୍ଲାପାଳ ଭାବେ ଯୋଗ ଦେଇଛନ୍ତି । ଉପଜିଲ୍ଲାପାଳ ଅରୁଣକୁମାର ନାୟକ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଶ୍ରୀ ଭୁଜବଳ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟକରିଥିବା ଜଣାପଡିଛି। ସେ କେନ୍ଦ୍ରାପଡାରେ ଜନସାଧାରଣଙ୍କୁ ତ୍ୱରିତ ସେବା ଯୋଗାଇବା ସହ ଜିଲ୍ଲାର ଉନ୍ନୟନ ମୂଳକ କାର୍ଯ୍ୟରେ ସକ୍ରିୟ ଭୂମିକା ନିଭାଇବେ ବୋଲି ପ୍ରକାଶ କରିଛନ୍ତି ।

ବୌଦ୍ଧରେ ମଧୁବାବୁ ପେନ୍‌ସନ୍ ଯୋଜନାରେ ସାମିଲ ହେଲେ ୪,୪୮୨ ନୂତନ ହିତାଧିକାରୀ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ



ସ୍ଥାନୀୟ ଟାଉନ୍ ହଲ୍ ସ୍ଥିତ ଭିକାରୀ କଳାମଣ୍ଡପ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନୂତନ ଭାବେ ମୁରୀପ୍ରାପ୍ତ ମଧୁବାବୁ ପେନ୍‌ସନ୍ ଯୋଜନାର ଶୁଭାରମ୍ଭ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ କଣ୍ଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନାବୋର୍ଡ ଅଧ୍ୟକ୍ଷ କହ୍ନାଇ ଚରଣ ଡାଙ୍ଗ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ସୂର୍ଯ୍ୟନାରାୟଣ ମହାପାତ୍ର, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ, ବୌଦ୍ଧଗଡ ପୌରପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ସାମାଜିକ ସୁରକ୍ଷା ଅଧିକାରୀ ରାଜେନ୍ଦ୍ର କିଷାନ ଯୋଗଦେଇଥିଲେ । ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ସ୍ୱାଗତ ଭାଷଣ ଦେଇଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ବୌଦ୍ଧ ଜିଲ୍ଲାରେ ନୂତନ ଭାବେ ୪ ହଜାର ୪୮୨ ଜଣ ହିତାଧିକାରୀମାନଙ୍କୁ ୨ ମାସର ଭତ୍ତା ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ପ୍ରମୋଦ ପ୍ରଧାନ ଓ ଉପଜିଲ୍ଲାପାଳ ଦାୟିତ୍ୱରେ ଥିବା ଯଦୁମଣି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲାର ସମସ୍ତ ବିଡିଓଙ୍କ ସମେତ ବ୍ଲକର ଅଧିକାରୀ ଓ କର୍ମଚାରୀମାନେ ବହୁସଂଖ୍ୟାରେ ଉପସ୍ଥିତ ରହି ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନରେ ସହଯୋଗ କରିଥିଲେ । ହିତାଧିକାରୀମାନେ ନୂତନ ଭତ୍ତା ଟଙ୍କା ପାଇ ଖୁସି ବ୍ୟକ୍ତ କରିଥିଲେ । ଏହି ଅବସରରେ ପେନ୍‌ସନ୍ ସଚେତନତା ରଥର ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରଥ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳକୁ ଯାଇ ଲୋକଙ୍କୁ ଭତ୍ତା ସମ୍ବନ୍ଧରେ ସଚେତନ କରିବ ।



ମହିମାମୟୀ 'ମା' କୁଣ୍ଡିକାଳୀ' ପୁସ୍ତକ ଲୋକାର୍ପିତ

ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ମାଳିକା ବର୍ଣ୍ଣିତ ରାମାୟଣର କଥାବସ୍ତୁ ଅନୁଯାୟୀ ନଳ ଦମୟନ୍ତୀଙ୍କ ପରୀକ୍ଷା କ୍ଷେତ୍ର କୁଣ୍ଡିନଗରର ଅଧିଷ୍ଠାତ୍ରୀ ଦେବୀ ମା' କୁଣ୍ଡିକାଳୀଙ୍କ ଦୀର୍ଘ ୫ ଶହ ବର୍ଷର ପୀଠ ଆଜି ବହୁ ଶ୍ରଦ୍ଧାଳୁ ଭକ୍ତଙ୍କର ପୂଣ୍ୟଭୂମି ପାଲଟିଛି । ମା' କୁଣ୍ଡିକାଳୀ ସ୍ୱୟଂ ଆର୍ବିଭୂତା ହୋଇଛନ୍ତି ବୋଲି କିମ୍ବଦନ୍ତୀ କହେ। ଲୋକଙ୍କ ବିଶ୍ୱାସ ଅଛି ଅମାବାସ୍ୟାରେ ତାଙ୍କ ପାଖରେ ମାନସିକ କଲେ ସକଳ କାମନା ପୂର୍ଣ୍ଣ ହୋଇଥାଏ । ଏଣୁ ପ୍ରତି ଅମାବାସ୍ୟାରେ ଏଠାରେ ଶ୍ରଦ୍ଧାଳୁମାନଙ୍କର ଭିଡ ଜମିଥାଏ । ପଣ୍ଡିତ ଦୈତ୍ୟାରି ମହାପାତ୍ରଙ୍କ ସଂପାଦନାରେ ଏଭଳି ଏକ ଅଧିଷ୍ଠାତ୍ରୀ ଦେବୀଙ୍କର ଇତିହାସ ସଂପର୍କିତ 'ମା' କୁଣ୍ଡିକାଳୀ' ପୁସ୍ତକକୁ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଲୋକାର୍ପଣ କରି ଏହି ପୀଠର ଅଲୌକିକ ମହିମା ସଂପର୍କରେ ଅବଗତ କରାଇଥିଲେ । ଏହି ପୁସ୍ତକଟି ଭଦ୍ରକର ସାଭ ପବ୍ଲିକେଶନର ପ୍ରକାଶକ ସୁବୋଧ କୁମାର ଜେନାଙ୍କ ଦ୍ୱାରା ପ୍ରକାଶିତ ହୋଇଛି । ଏହି ଉନ୍ମୋଚନ ଉତ୍ସବରେ ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ ଅଧ୍ୟକ୍ଷତା କରିଥିବାବେଳେ ଦୁର୍ଗାଶଙ୍କର ବିଶ୍ୱାଳ, ଗୋପାଳ ଚନ୍ଦ୍ର ସାହୁ ବରେଣ୍ୟ ଅତିଥି ଭାବେ ଯୋଗଦେଇ ମା' ଙ୍କ ମହିମା ଗାନ କରିଥିଲେ । ଏବଂ ପ୍ରଶାନ୍ତ କୁମାର ତ୍ରିପାଠୀ, ସନ୍ତୋଷ କୁମାର ଲେଙ୍କା, ଅଜୟ କୁମାର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ କବି ବସନ୍ତ କୁମାର ପାତ୍ର, ଅଶୋକ କୁମାର ବାରିକ, ପ୍ରଶାନ୍ତ କୁମାର ଓଝା ଓ ଅଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଗୋପାଳ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ ।

କେନ୍ଦୁଝର ଜିଲ୍ଲାରେ ୟୁନିଫାଏଡ୍ ପେନ୍‌ସନ୍ ମ୍ୟାନେଜମେଣ୍ଟ ପୋର୍ଟାଲ୍‌ର ଶୁଭାରମ୍ଭ

କେନ୍ଦୁଝର, ନ୍ୟୁଜ୍



ସାମାଜିକ ସୁରକ୍ଷା ଯୋଜନାକୁ ଅଧିକ ସରଳ, ସ୍ୱଚ୍ଛ ଓ ଲୋକାଭିମୁଖୀ କରିବା ସହ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସରକାରୀ ସହାୟତା ସମୟୋଚିତ ଭାବେ ପହଞ୍ଚାଇବା ଲକ୍ଷ୍ୟରେ ରାଜ୍ୟ ସରକାର ନୂତନ ପଦକ୍ଷେପ ଗ୍ରହଣ କରିଛନ୍ତି । ଏଣିକି ସାମାଜିକ ସୁରକ୍ଷା ଭତ୍ତା ପାଇଁ ଯୋଗ୍ୟ ବ୍ୟକ୍ତିଙ୍କୁ ଆଉ ଦୀର୍ଘଦିନ ଅପେକ୍ଷା କରିବାକୁ ପଡ଼ିବନାହିଁ । ଆବେଦନର ପରବର୍ତ୍ତୀ ମାସରୁ ହିତାଧିକାରୀ ଭତ୍ତା ପାଇପାରିବେ ଏବଂ ଏହି ଉଦ୍ଦେଶ୍ୟରେ କେନ୍ଦୁଝର ଅଡିଟୋରିୟମ୍ ଠାରେ ୟୁନିଫାଏଡ୍ ପେନ୍‌ସନ୍ ମ୍ୟାନେଜ୍‌ମେଣ୍ଟ ପୋର୍ଟାଲ୍‌ର ଶୁଭାରମ୍ଭ ଏବଂ ମଧୁବାବୁ ପେନ୍‌ସନ୍ ଯୋଜନା ଅଧୀନରେ ସାଚୁରେସନ୍ ମୋଡ୍‌ରେ ନୂତନ ହିତାଧିକାରୀଙ୍କୁ ଭତ୍ତା ମଞ୍ଜୁରୀ ଓ ବଣ୍ଟନ ନିମନ୍ତେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ, ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ କହିଥିଲେ ଯେ, ରାଜ୍ୟ ସରକାର ପେନ୍‌ସନ୍ ବ୍ୟବସ୍ଥାକୁ ସରଳୀକରଣ କରିଛନ୍ତି । ଏହାଦ୍ୱାରା ଯୋଗ୍ୟ ହିତାଧିକାରୀମାନେ ପ୍ରତି ମାସରେ ନିୟମିତ ଭାବେ ଭତ୍ତା ପାଇପାରିବେ । ପଞ୍ଚାୟତ ଓ ବ୍ଲକ୍‌ସ୍ତରରେ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଏହି ସୁବିଧା ପହଞ୍ଚାଇବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । କେନ୍ଦୁଝର ଜିଲ୍ଲାରେ ବର୍ତ୍ତମାନ ମୋଟ୍ ୧,୭୧,୬୭୧ ଜଣ ହିତାଧିକାରୀ ଭତ୍ତା ପାଇବାକୁ ଯୋଗ୍ୟ ହୋଇଛନ୍ତି । କୌଣସି ଯୋଗ୍ୟ ବୃଦ୍ଧବୃଦ୍ଧା ଯେପରି ଭତ୍ତା ପାଇବାରୁ ବଞ୍ଚିତ ନହୁଅନ୍ତି, ସେଥିପ୍ରତି ପ୍ରଶାସନ ଯତ୍ନବାନ ହେବା ଆବଶ୍ୟକ ବୋଲି ସେ ମତପ୍ରକାଶ କରିଥିଲେ । ନୂତନ ବ୍ୟବସ୍ଥା ଅନୁଯାୟୀ, ସାମାଜିକ ସୁରକ୍ଷା ଭତ୍ତା ପାଇବାକୁ ଯୋଗ୍ୟ ବ୍ୟକ୍ତିମାନେ ଆବେଦନର ପରବର୍ତ୍ତୀ ମାସରୁ ଭତ୍ତା ପାଇବାର ସୁଯୋଗ ପାଇବେ । ଏଥିପାଇଁ ହିତାଧିକାରୀମାନେ ନିଜ ଅଞ୍ଚଳର ବ୍ଲକ୍ ବିକାଶ ଅଧିକାରୀଙ୍କ କାର୍ଯ୍ୟାଳୟରେ କିମ୍ବା ରାଜ୍ୟ ସରକାରଙ୍କ ଅନ୍‌ଲାଇନ୍ ପୋର୍ଟାଲ୍ https://upmp.odisha.gov.in ମାଧ୍ୟମରେ ଆବେଦନ କରିପାରିବେ । ସେହିପରି, ଭତ୍ତା ପାଉଥିବା ହିତାଧିକାରୀଙ୍କ ବୟସ ୮୦ ବର୍ଷ ପୂରଣ ହେଲେ ସେମାନଙ୍କୁ ସ୍ୱତଃ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯିବ । ଏଥିପାଇଁ ପୁନର୍ବାର ଆବେଦନ କରିବାର ଆବଶ୍ୟକତା ରହିବନାହିଁ । ଏହାଦ୍ୱାରା ବରିଷ୍ଠ ନାଗରିକମାନେ ଅଧିକ ସହଜରେ ସରକାରୀ ସହାୟତା ପାଇପାରିବେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ସାମାଜିକ ସୁରକ୍ଷା ଭତ୍ତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏକ ସଚେତନତା ରଥର ଶୁଭାରମ୍ଭ କରିଥିଲେ । ଏହି ରଥ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପରିଭ୍ରମଣ କରି ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନା ସମ୍ପର୍କରେ ସୂଚନା ଦେବା ସହ ଆବେଦନ ପ୍ରକ୍ରିୟା ଓ ଉପଲବ୍ଧ ସୁବିଧା ସମ୍ପର୍କରେ ସଚେତନ କରିବ । କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ମମିତା ନାଏକ, କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଭୁବନେଶ୍ୱରୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ଜିଲ୍ଲାର ଯୋଗ୍ୟ ହିତାଧିକାରୀମାନେ ସାମାଜିକ ସୁରକ୍ଷା ଯୋଜନାର ସୁଫଳ ସହଜ, ସ୍ୱଚ୍ଛ ଓ ସମୟୋଚିତ ଭାବେ ପାଇପାରିବେ ବୋଲି ଜଣାପଡିଛି ।



ବ୍ରହ୍ମପୁର: ଶିଶୁ ଦିବସ ପାଳନ ଉପଲକ୍ଷେ ଆୟୋଜିତ ଫ୍ୟାନ୍ସିଡ୍ରେସ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ରାଣୀ ଲକ୍ଷ୍ମୀବାଇ ବେଶରେ ଜଣେ ଶିଶୁ କନ୍ୟା (ଫଟୋ: ସମ୍ବାଦ କଳିକା)

ବାଣୀବିହାର ୮୦ର ଅନ୍ନସେବା



ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଶିଶୁ ଦିବସ ଉପଲକ୍ଷେ ବାଣୀବିହାର ୮୦ ଅନୁଷ୍ଠାନ ତରଫରୁ ପଟିଆ ଜାଲିମୁଣ୍ଡା ବସ୍ତି ସ୍ଥିତ ଚେଷ୍ଟା ବିଦ୍ୟାଳୟର ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରାଯାଇଥିଲା । ଏହି ଅନ୍ନସେବା କାର୍ଯ୍ୟକ୍ରମରେ ସକ୍ରିୟ ଯୋଗଦାନ କରିଥିଲେ ବାଣୀବିହାର ୮୦ର ପୂର୍ବତନ ସଭାପତି ଶରତ ଦାଶ, ସମ୍ପାଦକ ଆଶୁତୋଷ ଦାଶ ଓ ଜନସେବା ନିର୍ଦ୍ଦେଶକ ଅଲେଖ ନଦୀ । ପ୍ରତିମାସରେ ଅନ୍ୟୂନ ଥରେ ବାଣୀବିହାର ଅଶୀ ତରଫରୁ ଅନ୍ନସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଅଛି ।

ସିଦ୍ଧ ବଳଦେବଜୀଉଙ୍କୁ ଦର୍ଶନକେଲ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ଟିମ୍



କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚାର କର୍ମକର୍ତ୍ତା। ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଡ. ଜ୍ୟୋସ୍ନାରାଣୀ ଜେନାଙ୍କ ନେତୃତ୍ୱରେ ଜିଲ୍ଲା ଟିମ୍‌ର ସମସ୍ତ ପଦାଧିକାରୀ ଶ୍ରୀଜୀଉଙ୍କ ମନ୍ଦିରରେ ପହଞ୍ଚି ଦର୍ଶନ କରିବା ସହ ଦଳର ସଫଳତା କାମନା କରିଥିଲେ । ଏହି ଦର୍ଶନ କାର୍ଯ୍ୟକ୍ରମରେ ବିଜେପି ନେତ୍ରୀ ଗୀତାଞ୍ଜଳୀ ସେଠୀ ମଧ୍ୟ ଉପସ୍ଥିତ ଥିଲେ । ଶ୍ରୀଜୀଉଙ୍କ ଦର୍ଶନ ପରେ ମନ୍ଦିର ପରିସରରେ ଆଗାମୀ ପଞ୍ଚାୟତ ନିର୍ବାଚନ ନେଇ ଆଲୋଚନା ହୋଇଥିଲା । ଜିଲ୍ଲାର ସବୁ ପଞ୍ଚାୟତ ଓ ବ୍ଲକରେ ଦଳ ଯେପରି ବାଜିମାତ୍ କରିବା ସହ ଜିଲ୍ଲା ପରିଷଦରେ ବୋର୍ଡ ଗଠନ କରିବ, ସେ ନେଇ ସଭାନେତ୍ରୀ ଡ. ଜ୍ୟୋସ୍ନାରାଣୀ ଜେନା କର୍ମକର୍ତ୍ତାମାନଙ୍କୁ ରଣନୀତି ପ୍ରଦାନ କରିଥିଲେ । ଏହି ଦର୍ଶନ କାର୍ଯ୍ୟକ୍ରମରେ ଉପସଭାନେତ୍ରୀ ମୀରାରାଣୀ ମହାନ୍ତି, ରଶ୍ମିତା ସାହୁ, ରୀନାରାଣୀ ଦାଶ, ଲକ୍ଷ୍ମୀପ୍ରିୟା ଜେନା, ପ୍ରମିଳା ସିଂହ ଓ ପ୍ରମିଳା ମିଶ୍ର, ସାଧାରଣ ସଂପାଦିକା ବନ୍ଦନା ରାଣୀ ରାଉତରାୟ ଓ ପ୍ରିୟଙ୍କା ଶତପଥୀ, ସଂପାଦିକା ସନ୍ଧ୍ୟାରାଣୀ ଜେନା, ରଶ୍ମିତା ନାୟକ, ମାଳତୀ ପତି, ସସ୍ମିତା ସାମଲ, ମନୋରମା ପୁହାଣ ଓ ଭଗବତୀ ମଣ୍ଡଳ, କୋଷାଧ୍ୟକ୍ଷା ମଞ୍ଜୁଲତା ସେଠୀ ଏବଂ କାର୍ଯ୍ୟାଳୟ ସଂପାଦିକା ପାର୍ବତୀ ବେହେରା ପ୍ରମୁଖ ସାମିଲ ହୋଇ ଶ୍ରୀଜୀଉଙ୍କ ଆଶୀର୍ବାଦ ନେଇଥିଲେ ।

୨୩ରେ ସିଭିଲ୍ ଟାଉନ୍‌ସିପ୍‌ର ୫ମ ବୋଇତ ବନ୍ଦାଣ ଉତ୍ସବ



ରାଉରକେଲା, ନ୍ୟୁଜ୍ ବ୍ୟୁରୋ

ସିଭିଲ୍ ଟାଉନ୍‌ସିପ୍ ସାଂସ୍କୃତିକ ପରିଷଦର ୫ମ ବୋଇତ ବନ୍ଦାଣ ଉତ୍ସବ ଆସନ୍ତା ୨୩ ତାରିଖ ଦିନ ସନ୍ଧ୍ୟାରେ ମଡର୍ଣ୍ଣ ପଡ଼ିଆ ଠାରେ ପାଳନ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଗତ ୧୩ ତାରିଖରେ ହୋଟେଲ ତ୍ରିଦେବ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରମୋଦ ନାୟକ, ସଭାପତି ସୁଜିତ କୁମାର ମହାନ୍ତି, ସମ୍ପାଦକ ପ୍ରତୀକ ଭୁୟାଁ, କାର୍ଯ୍ୟକାରୀ ସଭାପତି ସୁଧାଂଶୁ ସାମଲ, କୋଷାଧ୍ୟକ୍ଷ ପ୍ରକାଶ ଧଲ ପ୍ରମୁଖ ସାମ୍ବାଦିକଙ୍କୁ ସୂଚନା ପ୍ରଦାନ କରି କହିଲେ ଯେ ଆସନ୍ତା ୨୩ ତାରିଖ ଦିନ ସନ୍ଧ୍ୟାରେ ପଶ୍ଚିମ ଓଡ଼ିଶାର ସୁନାମ ଧନ୍ୟ ଗାୟକ ମଣ୍ଟୁ ଛୁରିଆ ଓ ତାଙ୍କ ବ୍ୟାଣ୍ଡ, ଗାୟିକା ଶୀତଳ କବି ପ୍ରମୁଖ ସଂଗୀତ ପରିବେଷଣ କରିବେ । ସେହିପରି ହାସ୍ୟ ଅଭିନେତା ପପୁ ପମ୍ ପମ୍ ଅନ୍ୟତମ ଆକର୍ଷଣ ରହିବେ । ଅନ୍ୟପକ୍ଷେ ସ୍ଥାନୀୟ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିବେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ । ୨୪ ତାରିଖ ଭୋର୍ ସମୟରେ ୧୫୧ ଜଣ ମହିଳା ଏକ ଡିଜାଇନର୍ ଶାଢ଼ୀ ପିନ୍ଧି ଶଙ୍ଖ ହୁଳହୁଳି ସହ ପାନପୋଷ ବ୍ରାହ୍ମଣୀ ନଦୀ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ବୋଇତ ବନ୍ଦାଣ ସହ ଭସାଇବେ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିମାନେ ଅତିଥି ଭାବେ ଯୋଗଦେବେ । ଓଡ଼ିଶାର ପରମ୍ପରା ଓ ସଂସ୍କୃତିକୁ ବଜାୟ ରଖିବା ତଥା କଳାକାରଙ୍କୁ ଉତ୍ସାହିତ କରିବା ପାଇଁ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେବା ପାଇଁ ଅନୁଷ୍ଠାନ ତରଫରୁ ଅନୁରୋଧ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ବିରେନ୍ ସେନାପତି, ସୁଦାମ ଦାଶ, ଜ୍ୟୋସ୍ନା ନାୟକ, ଛବିରାଣି ମହାନ୍ତି, ପୁଷ୍ପା ଲେଙ୍କା, ଭଗବାନ ପତି, କ୍ରିଷ୍ଣା ସାହୁ, ଦୁର୍ଯ୍ୟ ସାହୁ, କୁଞ୍ଜ ଲୋହାର, ବିଭୁତି ପୁହାଣ, ସନ୍ତୋଷ ନାୟକ, ବଳରାମ ନାୟକ ପ୍ରମୁଖ ମଞ୍ଚାସୀନ ଥିଲାବେଳେ କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ଶିବୁଲାଲ ସାହୁ, ବିରଞ୍ଚି ସାମଲ, ବୈଦ୍ୟନାଥ ସାହୁ, ହେମନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଉପସଭାପତି ଶଶାଙ୍କ ଶେଖର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ଗୋପାଷ୍ଟମୀ ଅବସରରେ ୧୫ରୁ ଗୋପାଳକୃଷ୍ଣ ଗୋଶାଳାରେ ତିନିଦିନିଆ ମେଳା

କଟକ, ନ୍ୟୁଜ୍ ବ୍ୟୁରୋ

ଗୋମାତାଙ୍କ ସୁରକ୍ଷା, ସେବା ଓ ସମାଜରେ ଗୋସମ୍ପଦର ମହତ୍ତ୍ୱ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ କଟକ ନୟାବଜାର ସ୍ଥିତ ଶ୍ରୀ ଗୋପାଳକୃଷ୍ଣ ଗୋଶାଳା ପକ୍ଷରୁ ଆସନ୍ତା ନଭେମ୍ବର ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ତିନିଦିନିଆ ଗୋପାଷ୍ଟମୀ ମେଳା-୨୦୨୬ ଆୟୋଜନ କରାଯାଉଛି । ଏହି ଅବସରରେ ଗୋମାତାଙ୍କ ପୂଜାର୍ଚ୍ଚନା, ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ ଓ ବିଭିନ୍ନ ପ୍ରତିଯୋଗିତା ସହ ସ୍ୱାସ୍ଥ୍ୟସେବା ଶିବିର ଆୟୋଜିତ ହେବ । ଗୋଶାଳା ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ନଭେମ୍ବର ୧୫ ତାରିଖ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ଚକ୍ଷୁ ପରୀକ୍ଷା, ଦନ୍ତ ଚିକିତ୍ସା, ଚର୍ମରୋଗ, ମେଡିସିନ୍ ଓ ଫିଜିଓଥେରାପି ସେବା ପ୍ରଦାନ କରାଯିବ । ଏହା ସହିତ ରକ୍ତଦାନ ଶିବିର ମଧ୍ୟ ଅନୁଷ୍ଠିତ ହେବ । କଟକ ଡିସିପି ମୁଖ୍ୟ ଅତିଥି ଏବଂ ଡାକ୍ତର ଜୟନ୍ତ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଯୋଗ୍ୟ ରୋଗୀଙ୍କୁ ମାଗଣାରେ ଚଷମା ଓ ଔଷଧ ଯୋଗାଇ ଦିଆଯିବ । ନଭେମ୍ବର ୧୬ ତାରିଖରେ ଗୋପାଷ୍ଟମୀ ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହେବ । ୧୭ ତାରିଖ ସକାଳ ୭ଟାରେ ଗୋମାତାଙ୍କ ସାଜସଜ୍ଜା ଓ ପୂଜାର୍ଚ୍ଚନା ପରେ ସକାଳ ୮ଟାରୁ ନୃତ୍ୟ ଏବଂ ଅନ୍ୟାନ୍ୟ ପ୍ରତିଯୋଗିତା ଆରମ୍ଭ ହେବ । ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଅତିଥି ସ୍ୱାଗତ ଓ ବାର୍ଷିକ ଉତ୍ସବ ଆୟୋଜିତ ହେବ । ଏଥିରେ ବିଜେପିର ରା

32 YEARS
ଧ୍ୱନି କଳିଙ୍ଗ
ଭୁବନେଶ୍ୱର, ୧୫ ନଭେମ୍ବର, ରବିବାର, ୨୦୨୬
ପୃଷ୍ଠା – ୬

ମେସିଙ୍କ ଅବସର ପରେ ପ୍ରଥମ ମ୍ୟାଚ୍‌ରେ ହାରିଲା ଆର୍ଜେଣ୍ଟିନା



ବୁଏନସଏରିସ୍

ଫୁଟବଲ୍ କିମ୍ବଦନ୍ତି ଲିଓନେଲ ମେସିଙ୍କ ଅବସର ପରେ ପ୍ରଥମ ମ୍ୟାଚ୍‌ରେ ପରାଜୟର ସାମ୍ନା କରିଛି ତିନିଥରର ବିଶ୍ୱବିଜେତା ଆର୍ଜେଣ୍ଟିନା। ଶୁକ୍ରବାର ବୁଏନସଏରିସର ଲା'ବୋମ୍ବୋନେରା ଷ୍ଟାଡିୟମରେ ଖେଳାଯାଇଥିବା ଏକ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଏହି ଦଳ ଉରୁଗୁଏଠାରୁ ୧-୨ରେ ହାରିଯାଇଛି।

ଦ୍ୱିତୀୟାର୍ଦ୍ଧର ୪୮ତମ ମିନିଟ୍‌ରେ ଲିଓନାର୍ଡୋ ବାଲେର୍ଡିଙ୍କ ଆତ୍ମଘାତୀ ଗୋଲ୍ ବଳରେ ଉରୁଗୁଏ ଅଗ୍ରଣୀ ହାସଲ କରିଥିଲା। ୫୩ତମ ମିନିଟ୍‌ରେ ମ୍ୟାକ୍ସିମିଲିଆନୋ ଆରାଉହୋ ଦ୍ୱିତୀୟ ଗୋଲ୍ ଦେଇ ଦଳର ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲେ। ୭୩ତମ ମିନିଟ୍‌ରେ ଜୁଲିଆନ୍ ଆଲଭାରେଜ୍ ଆର୍ଜେଣ୍ଟିନା ପାଇଁ ଗୋଟିଏ ଗୋଲ୍ ଶୁଝିଥିଲେ ମଧ୍ୟ ଦଳ ପରାଜୟ ଏଡ଼ାଇ ପାରିନଥିଲା।

ମେସି ଅନ୍ତର୍ଜାତୀୟ ଫୁଟବଲରୁ ଅବସର ନେବା ପରେ ପ୍ରଶିକ୍ଷକ ଲିଓନେଲ୍ ସ୍କାଲୋନିଙ୍କ ନେତୃତ୍ୱରେ ଆର୍ଜେଣ୍ଟିନାର ଏହା ପ୍ରଥମ ମ୍ୟାଚ୍ ଥିଲା। ମେସି ନିଜ ଅନ୍ତର୍ଜାତୀୟ କ୍ୟାରିୟରରେ ୨୦୮ ମ୍ୟାଚ୍ ଖେଳି ୧୨୫ଟି ଗୋଲ୍ ସ୍କୋର କରିଛନ୍ତି। ସେ ଅବସର ନେଇସାରିଥିଲେ ବି ଏହି ମ୍ୟାଚ୍ ପୂର୍ବରୁ ଷ୍ଟାଡିୟମରେ ତାଙ୍କୁ ନେଇ ଚର୍ଚ୍ଚା ଲାଗି ରହିଥିଲା।

ଟସ୍ ସମୟରେ କୌତୁକିଆ ଉତ୍ତର ଦେଲେ ବୈଭବ ସୂର୍ଯ୍ୟବଂଶୀ

ନୂଆଦିଲ୍ଲୀ

ଭାରତୀୟ କ୍ରିକେଟ୍ ଟିମ୍‌ର ଉଦୟମାନ ଖେଳାଳି ବୈଭବ ସୂର୍ଯ୍ୟବଂଶୀ ପୁଣି ଥରେ ଚର୍ଚ୍ଚାର କେନ୍ଦ୍ର ପାଲଟିଛନ୍ତି। ଏଥର କିନ୍ତୁ ସେ ଖେଳକୁ ନୁହେଁ। ବରଂ ପଢ଼ିଆରେ ତାଙ୍କର କହିବାର ଶୈଳୀକୁ ନେଇ। ମଧ୍ୟପ୍ରଦେଶର ଇନ୍ଦୋରସ୍ଥିତ ହୋଲକର ଷ୍ଟାଡିୟମରେ ବିହାର ଏବଂ ସୌରାଷ୍ଟ୍ର ମଧ୍ୟରେ ଖେଳାଯାଇଥିବା ସୟଦ ମୁସ୍ତାକ ଅଲି ଟ୍ରଫିର ଏକ ମ୍ୟାଚ୍ ସମୟରେ ବୈଭବଙ୍କ ପିଲାଳିଆ କଥା ସମସ୍ତଙ୍କର ଦୃଦୟ ଜିତିଛି। ପୁରୁଷ ଟି୨୦ ଇତିହାସରେ ସବୁଠାରୁ କମ୍ ବୟସର ଯୁବ ଖେଳାଳି ହୋଇ ଅବତୀର୍ଣ୍ଣ ୧୫ ବର୍ଷୀୟ ବୈଭବ ଟସ୍ ସମୟରେ ଏଭଳି ଜବାବ ଦେଇଛନ୍ତି, ଯାହାଦ୍ୱାରା ଉପସ୍ଥିତ ଉପସ୍ଥାପକ ନିଜର ହସକୁ ମଧ୍ୟ ଅଟକାଇପାରି ନଥିଲେ।

ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଯେତେବେଳେ ଉପସ୍ଥାପକ ବିହାରର ଅଧିନାୟକ ବୈଭବଙ୍କୁ ପଚାରିଥିଲେ



ଯେ, ଆଜିର ମୁକାବିଲା ପାଇଁ ତାଙ୍କର ରଣନୀତି କ'ଣ ରହିଛି ଏହାର ଜବାବ ବୈଭବ ସଠିକ ସମୟରେ ଦେଇପାରି ନଥିଲେ। ଏହା ପରେ ବୈଭବ ଅତି ସହଜ ଏବଂ ମଜାରେ ଜବାବ ଦେଇ କହିଥିଲେ, ଭୁଲିଗଲି ସାର। ତାଙ୍କର ଏହି ମଜାକଥା ଗମ୍ଭୀର ବାତାବରଣ ସୃଷ୍ଟି ହୋଇଥିଲା ଏବଂ ଏହା ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ବୈଭବ ସୂର୍ଯ୍ୟବଂଶୀଙ୍କ ପାଇଁ ଏହି ମୁକାବିଲା ବ୍ୟକ୍ତିଗତ ଏବଂ ଐତିହାସିକ ହୋଇଛି। ସେ ୧୫ ବର୍ଷ ଏବଂ ୨୩୨ ଦିନର ବୟସରେ ବିହାରର ଦାୟିତ୍ୱ ନେଇ ବିଶ୍ୱ ରେକର୍ଡ ନିଜ ନାମରେ କରିଛନ୍ତି। ଏହି ସ୍ମରଣୀୟ ଦିନରେ ବୈଭବ ବିଜୟ ହାସଲ କରିଛନ୍ତି। ଅଭିଜ୍ଞ ଏବଂ ଦ୍ରୁତବୋଲର ଜୟଦେବ ଉନାଦକଟଙ୍କ ନେତୃତ୍ୱରେ ସୌରାଷ୍ଟ୍ରର ଟିମ୍ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ।

ଅଧିନାୟକଙ୍କ ବ୍ୟାଟ୍‌ରୁ ଏହି ମ୍ୟାଚ୍‌ରେ ଭଲ ରନ୍ ମିଳିପାରି ନାହିଁ। ପ୍ରାରମ୍ଭିକ ବ୍ୟାଟିଂ କରିବା ପାଇଁ ପଢ଼ିଆକୁ ଓହ୍ଲାଇଥିବା ବୈଭବ ବଡ଼ ସ୍କୋର କରିବାରୁ ବଞ୍ଚିତ ହୋଇଥିଲେ। ସେ ୧୮ ବ୍ୟକ୍ତିଗତ ଭାବେ ୧୮ ରନ୍ ସଂଗ୍ରହ କରିଥିଲେ ଏବଂ ଚେତନ ସକାରିଆଙ୍କ ଶିକାର ହୋଇଥିଲେ।

ବାରିପଦାରେ ଅଫରୋଡ ମୋଟର ସ୍ପୋର୍ଟସ ପ୍ରତିଯୋଗିତା

ବିଭିନ୍ନ ରାଜ୍ୟରୁ ସାମିଲ ହେଲେ ପ୍ରତିଯୋଗୀ



ବାରିପଦା, ନ୍ୟୁଜ୍‌ବ୍ୟୁରୋ

ବାରିପଦାର ରାଜାବସା ଏୟାରଫିଲ୍ଡ ଠାରେ କଳିଙ୍ଗ ମୋଟର ସ୍ପୋର୍ଟସ କ୍ଲବ, ଭୁବନେଶ୍ୱର ଏବଂ ଏଫଏମଏସସିଆଇ ସହଯୋଗରେ ତିନିଦିନିଆ ଅଫରୋଡ ମୋଟର ସ୍ପୋର୍ଟସ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ନଭେମ୍ବର ୧୩ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ନଭେମ୍ବର ୧୫ ପର୍ଯ୍ୟନ୍ତ ଚାଲିବ। ଏହି ରୋମାଞ୍ଚକର ରେସରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଆସାମ, ବିହାର ଆଦି ବିଭିନ୍ନ ରାଜ୍ୟରୁ ପ୍ରତିଯୋଗୀ ମାନେ ସାମିଲ ହୋଇଛନ୍ତି। ଦୁଇ ଚକିଆ ଓ ଚାରି ଚକିଆ ଯାନରେ ନିଜର ଦକ୍ଷତା, ସାହସ ଓ ଗାଡ଼ି ଚାଳନାର କୌଶଳ ପ୍ରଦର୍ଶନ କରୁଛନ୍ତି ରେସର ମାନେ। ନିର୍ଦ୍ଧାରିତ ସୁରକ୍ଷିତ କର୍ଡନ ଏରିଆ ମଧ୍ୟରେ ଆୟୋଜିତ ଏହି ରେସକୁ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ସହ ଯୁବପିଢ଼ିଙ୍କ ମଧ୍ୟରେ ମଧ୍ୟ ବେଶ ଉତ୍ସାହ ଦେଖିବାକୁ ମିଳିଛି। ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ଆୟୋଜିତ ଏହି ରେସିଂ ଇଭେଣ୍ଟ ଚଳିତ ବର୍ଷ ଦ୍ୱିତୀୟ ବର୍ଷରେ ପହଞ୍ଚିଛି। ତାଙ୍କ ସୂଚନା ଅନୁଯାୟୀ, ଏହା ଏକ ନିୟମିତ ବାର୍ଷିକ ମୋଟର ସ୍ପୋର୍ଟସ ଇଭେଣ୍ଟର ଅଂଶ। ଚଳିତ ବର୍ଷ ମଧ୍ୟ ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରତିଯୋଗୀ ମାନେ ନିଜ ନିଜ ଯାନ ସହ ଏଠାରେ ପହଞ୍ଚିଛନ୍ତି। ଏହି ପ୍ରତିଯୋଗିତାକୁ ଆଗାମୀ ଦିନରେ ଜାତୀୟସ୍ତରର ଏକ ବଡ଼ ଇଭେଣ୍ଟରେ ପରିଣତ କରିବାର ଲକ୍ଷ୍ୟ ରହିଛି। ଏହାଦ୍ୱାରା ଦିଲ୍ଲୀ, ମୁମ୍ବାଇ ଭଳି ବଡ଼ ସହରରୁ ମଧ୍ୟ ଅଧିକ ପ୍ରତିଯୋଗୀ ଆକୃଷ୍ଟ ହେବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସେହିପରି ଅଂଶଗ୍ରହଣ ପାଇଁ ଆସିଥିବା ପ୍ରତିଯୋଗୀ ମାନେ ବାରିପଦାର ରେସ ଟ୍ରାକକୁ ନେଇ ବେଶ ଉତ୍ସାହିତ। ଏଠାକାର ଟ୍ରାକ, ସ୍ଲିଷ୍ଟ ଓ ଷ୍ଟେଜ ଗୁଡ଼ିକ ଅତ୍ୟନ୍ତ ରୋମାଞ୍ଚକର ଏବଂ ଏଭଳି ପ୍ରତିଯୋଗିତାରେ ଗାଡ଼ି ଚଳାଇବାର ଅନୁଭୂତି ସମ୍ପୂର୍ଣ୍ଣ ନିଆରା ବୋଲି କହିବା ସହ ଅଧିକରୁ ଅଧିକ ମୋଟର ସ୍ପୋର୍ଟସ ପ୍ରେମୀଙ୍କୁ ଏଭଳି ଇଭେଣ୍ଟରେ ଭାଗନେବାକୁ ଆହ୍ୱାନ ଦେଇଛନ୍ତି।

ତିନିଦିନିଆ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟାୟକ୍ରମେ ଦୁଇ ଚକିଆ ଓ ଚାରି ଚକିଆ ଯାନର ରେସ ଆୟୋଜନ କରାଯାଉଛି। ବିଜେତାଙ୍କ ପାଇଁ ରହିଛି ଆକର୍ଷଣୀୟ ଟ୍ରଫି ସହ ନଗଦ ପୁରସ୍କାର। ମୋଟର ସ୍ପୋର୍ଟସ ପ୍ରତି ଯୁବପିଢ଼ିଙ୍କ ଆଗ୍ରହ ବଢ଼ାଇବା ସହ ବାରିପଦାକୁ ଏକ ପ୍ରମୁଖ ମୋଟର ସ୍ପୋର୍ଟସ ହବ ଭାବେ ପରିଚିତ କରାଇବା ଦିଗରେ ଏହି ଆୟୋଜନ ଏକ ନୂଆ ସମ୍ଭାବନା ସୃଷ୍ଟି କରିଛି ବୋଲି ଆୟୋଜକ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ କହିଛନ୍ତି।

ଖାଲି ପଡିଆ ନୁହେଁ, ଅଭାବୀଙ୍କ ହୃଦୟରେ ବି ଘର କରିଛନ୍ତି ସଞ୍ଜୁ ସାମସନ



ନୂଆଦିଲ୍ଲୀ

ଭାରତୀୟ କ୍ରିକେଟର ସଞ୍ଜୁ ସାମସନ ନିଜର କାର୍ଯ୍ୟ ମାଧ୍ୟମରେ ପ୍ରଶଂସକଙ୍କ ହୃଦୟ ଜିତିଛନ୍ତି। ତାଙ୍କର ଏକ ଚାରଟେବୁଲ୍ ଫାଉଣ୍ଡେସନ ସହାୟତାରେ କେରଳର ଏକ ପରିବାର ନିଜର ଘର ପାଇବାର ସ୍ୱପ୍ନକୁ ସାକାର କରିପାରିଛନ୍ତି। ଏହି ପରିବାର ଗତ ୧୦ ବର୍ଷ ଧରି ନିଜ ଘର ପାଇଁ ଅପେକ୍ଷା କରିଥିଲେ; ଏତେ ଦୀର୍ଘ ସମୟର ଅପେକ୍ଷା ପରେ ସେମାନଙ୍କ ସ୍ୱପ୍ନ ଭାଙ୍ଗିଯିବା ଅବସ୍ଥାରେ ଥିଲା ଏବଂ ସେମାନେ ଆଉ ଘର ପାଇବେ ବୋଲି ଆଶା ଛାଡ଼ି ଦେଇଥିଲେ। ଗତ ଏକ ଦଶନ୍ଧି ଧରି, ନିର୍ମାଣକାରୀ ସଂସ୍ଥା (ବିଲ୍ଡର) ଘର ନିର୍ମାଣ କାର୍ଯ୍ୟ ଶେଷ କରିବାରେ ବିଫଳ ହୋଇଥିଲା।

ସାହାଯ୍ୟର ହାତ ବଢ଼ାଇ, ସଞ୍ଜୁ ସାମସନଙ୍କ ଟ୍ରଷ୍ଟ ଏହି ଘର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ସହଯୋଗ କଲା। ଯେତେବେଳେ ପରିବାରକୁ ଘରର ଚାବି ହସ୍ତାନ୍ତର କରାଗଲା, ସେମାନଙ୍କ ଆଖିରୁ ଲୁହ ଝରି ପଡ଼ିଥିଲା। ସଞ୍ଜୁ ସାମସନଙ୍କ ଫାଉଣ୍ଡେସନ୍ ଦ୍ୱାରା ସେୟାର କରାଯାଇଥିବା ଏକ ଭିଡିଓରେ ତାଙ୍କ ମା' ପରିବାରକୁ ଚାବି ପ୍ରଦାନ କରୁଥିବାର ଦେଖିବାକୁ ମିଳିଛି। ଏହି ନିର୍ମାଣ କାର୍ଯ୍ୟ 'ଶ୍ରୀ ଧନ୍ୟା ହୋମ୍ସ' ଦ୍ୱାରା କରାଯାଇଥିଲା। ପରିବାର ସଦସ୍ୟମାନେ ସଞ୍ଜୁ ସାମସନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି।

ପରିବାରର ମୁଖ୍ୟ କହିଛନ୍ତି ଯେ, ସେମାନେ ୧୦ ବର୍ଷ ପୂର୍ବେ ନିଜର ଘର ସ୍ୱପ୍ନକୁ ପୂରଣ କରିବାକୁ ବାହାରିଥିଲେ, କିନ୍ତୁ ଏକ ସମୟରେ ଏପରି ଲାଗୁଥିଲା ଯେପରି ଏହି ଘର କେବେବି ନିର୍ମାଣ ହେବ ନାହିଁ। ତେବେ, ସଞ୍ଜୁ ସାମସନଙ୍କ ଟିମ୍ ଏହାକୁ ବାସ୍ତବତାରେ ପରିଣତ କଲା। ସେ ଆହୁରି ମଧ୍ୟ କହିଛନ୍ତି ଯେ, ତାଙ୍କୁ ଧନ୍ୟବାଦ ଦେବା ପାଇଁ ଶବ୍ଦ ଯଥେଷ୍ଟ ନୁହେଁ; ସେ ଯାହା କରିଛନ୍ତି, ସେଥିପାଇଁ ସମଗ୍ର ପରିବାର ସର୍ବଦା ତାଙ୍କ ନିକଟରେ କୃତଜ୍ଞ ରହିବେ। ସେ ଉଲ୍ଲେଖ କରିଛନ୍ତି ଯେ, ୧୦ ବର୍ଷର ଦୀର୍ଘ ଅପେକ୍ଷା ପରେ ଶେଷରେ ସେମାନଙ୍କର ଦୀର୍ଘଦିନର ସ୍ୱପ୍ନ ପୂରଣ ହୋଇଛି।

କୁମାମୋଟୋ ମାଷ୍ଟର୍ସ ଫାଇନାଲରେ ଲକ୍ଷ୍ୟ ସେନ୍

କୁମାମୋଟୋ

ଜାପାନରେ ଚାଲିଥିବା କୁମାମୋଟୋ ମାଷ୍ଟର୍ସ ସୁପର ୫୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକ ଫାଇନାଲରେ ପ୍ରବେଶ କରିଛନ୍ତି ଭାରତୀୟ ଖେଳାଳି ଲକ୍ଷ୍ୟ ସେନ୍। ଶନିବାର ଖେଳାଯାଇଥିବା ସେମିଫାଇନାଲରେ ବିଶ୍ୱର ୧୦ ନମ୍ବର ଇଣ୍ଡୋନେସିଆର ଆଲଓ୍ୱି ଫରହାନଙ୍କୁ ୨୧-୧୨, ୧୫-୨୧, ୨୧-୧୧ରେ ପରାସ୍ତ କରି ସେ କ୍ରମାଗତ ଦ୍ୱିତୀୟ ଥର ପାଇଁ ଫାଇନାଲରେ ପହଞ୍ଚିଛନ୍ତି।

ଏହି ବିଜୟ ସହ ସେ ହାଙ୍ଗଝୋଉରେ ହେବାକୁ ଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ୍ସରେ ଯୋଗ୍ୟତା ହାସଲ କରିବା ଆଶା ଉଜ୍ଜ୍ୱଳ ହୋଇଛି। ନିକଟରେ



ହାଇଲୋ ଓପନ୍ ଟାଇଟଲ୍ ଜିତିଥିବା ଲକ୍ଷ୍ୟ ଏବେ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ରାଙ୍କିଂରେ ୬୪,୯୮୦ ପଏଣ୍ଟ ସହ ୧୨ତମ ସ୍ଥାନରେ ଅଛନ୍ତି। ରତୁର ଶେଷ ପ୍ରତିଯୋଗିତାରେ ସ୍ଥାନ ପାଇବା ପାଇଁ ତାଙ୍କୁ ଶ୍ରେଷ୍ଠ ୮ ମଧ୍ୟକୁ ଉଠିବାକୁ ପଡ଼ିବ। ଫାଇନାଲ୍ରେ ଲକ୍ଷ୍ୟ ଜାପାନର କୋକି ୱାତାନାବେ କିମ୍ବା ଥାଇଲାଣ୍ଡର କୁନଲାଭୁତ୍ ଭିତିଦସର୍ଣ୍ଣଙ୍କୁ ଭେଟିବେ।

ବିଜୟ ମର୍ଚ୍ଚାଣ୍ଟ ଟ୍ରଫି: ପ୍ରଥମ ଦିନରେ ଓଡ଼ିଶା ୨୪୩ ରନ୍‌ରେ ଅଲଆଉଟ୍

କଟକ, ନ୍ୟୁଜ୍‌ବ୍ୟୁରୋ

ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ଏଲିଟ୍-ସି (ଅଣ୍ଡର-୧୬) ବହୁଦିବସୀୟ କ୍ରିକେଟ୍ ପ୍ରତିଯୋଗିତାରେ ଓଡ଼ିଶା ଓ ହାଇଦ୍ରାବାଦ ମଧ୍ୟରେ ଖେଳାଯାଉଥିବା ମ୍ୟାଚ୍‌ର ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଓଡ଼ିଶା ୨୪୩ ରନ୍‌ରେ ଅଲଆଉଟ୍ ହୋଇଛି। ଜବାବରେ ହାଇଦ୍ରାବାଦ କୌଣସି ୱିକେଟ୍ ନହରାଇ ୯ ଓଭରରେ ୩୧ ରନ୍ ସଂଗ୍ରହ କରିଛି। ଫଳରେ ହାଇଦ୍ରାବାଦ ଏବେ ଓଡ଼ିଶାଠାରୁ ୨୧୨ ରନ୍ ପଛରେ ରହିଛି। କର୍ଣ୍ଣାଟକ ଷ୍ଟେଟ୍ କ୍ରିକେଟ୍ ଆସୋସିଏସନ୍‌ର ନାଭୁଲେ ଷ୍ଟାଡିୟମ୍ ନମ୍ବର-୨, ଶିବମୋଗାଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ହାଇଦ୍ରାବାଦ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିଥିଲା। ଓଡ଼ିଶା ପକ୍ଷରୁ ସୂରଜ ଜୟସ୍ୱାଲ ଦମ୍‌ଦାର ବ୍ୟାଟିଂ କରି ୧୧୫ ବଲ୍‌ରୁ ୬୯ ରନ୍ ସଂଗ୍ରହ କରିଥିଲେ। ଏଥିରେ ୧୦ଟି ଚୌକା ଓ ୨ଟି ଛକା ସାମିଲ ଥିଲା। ସେହିପରି ମିଧାଂଶୁ ଦାସ ୭୮ ବଲ୍‌ରୁ ୪୬ ରନ୍ କରିଥିଲେ। ତାଙ୍କ ଇନିଂସ୍‌ରେ ୧୦ଟି ଚୌକା ରହିଥିଲା। ଏହି ଦୁଇ ବ୍ୟାଟରଙ୍କ ଉପଯୋଗୀ ଅବଦାନ ବଳରେ ଓଡ଼ିଶା ୭୮.୧ ଓଭରରେ ୨୪୩ ରନ୍ କରି ସମସ୍ତ ୱିକେଟ୍ ହରାଇଥିଲା। ହାଇଦ୍ରାବାଦ ପକ୍ଷରୁ ଅନିରୁଦ୍ଧ ନାଏକ ଚମତ୍କାର ବୋଲିଂ କରି ୧୬.୧ ଓଭରରେ ୩୯ ରନ୍ ଦେଇ ୫ଟି ୱିକେଟ୍ ଅକ୍ତିଆର କରିଥିଲେ। ସେହିପରି ସୟଦ ୱାଲିଦ୍ ୧୪ ଓଭରରେ ୪୩ ରନ୍ ବ୍ୟୟ କରି ୩ଟି ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ହାଇଦ୍ରାବାଦ ୯ ଓଭରରେ ବିନା ୱିକେଟ୍‌ରେ ୩୧ ରନ୍ କରିଛି। ସ୍ମୟନ



ଭରଦ୍ୱାଜ ୩୩ ବଲ୍‌ରୁ ୨୩ ରନ୍ ଏବଂ ପାର୍ଥିଭ ୨୧ ବଲ୍‌ରୁ ୭ ରନ୍ କରି ଅପରାଜିତ ଅଛନ୍ତି। ଦ୍ୱିତୀୟ ଦିନର ଖେଳରେ ଓଡ଼ିଶା ବୋଲରମାନେ ହାଇଦ୍ରାବାଦକୁ କେତେ ଶୀଘ୍ର ଅଟକାଇ ପାରୁଛନ୍ତି, ତାହା ଉପରେ ନଜର ରହିବ।

ପିଆଇବି ପକ୍ଷରୁ ବୌଦ୍ଧଠାରେ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତାଳାପ'

ଶାନ୍ତି ଓ ବିକାଶ ବଜାୟ ରଖିବାରେ ଗଣମାଧ୍ୟମର ଯୋଗଦାନ ମୂଲ୍ୟବାନ: ଜିଲ୍ଲାପାଳ

ବୌଦ୍ଧ, ପିଆଇବି

ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ବୌଦ୍ଧ ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ପୁଲିସର ସହଯୋଗରେ ଶନିବାର ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାବନା ସଭାଗୃହଠାରେ ଏକ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତାଳାପ' ଆୟୋଜିତ ହୋଇଯାଇଛି।

ଏହି କର୍ମଶାଳାର ଉଦ୍ଦେଶ୍ୟ ଥିଲା ନକ୍ସଲମୁକ୍ତ ବୌଦ୍ଧ ଜିଲ୍ଲାରେ ହୋଇଥିବା ବିକାଶମୂଳକ ପରିବର୍ତ୍ତନ, ଶାନ୍ତି ପ୍ରତିଷ୍ଠା, ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ଏବଂ ସାମାଜିକ-ଆର୍ଥିକ ପ୍ରଗତିକୁ ଲୋକଲୋଚନକୁ ଆଣିବା । ଏଥିସହ କାର୍ଯ୍ୟକ୍ରମରେ ସରକାରୀ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ମାଧ୍ୟମରେ ଜିଲ୍ଲାର ବିକାଶ ଯାତ୍ରା ଓ ସ୍ଥାନୀୟ ସମସ୍ୟାଗୁଡ଼ିକୁ ଆଲୋକପାତ କରାଯାଇଥିଲା ।

ପିଆଇବି ଏବଂ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି), ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ର ଏହି କର୍ମଶାଳାରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ବୌଦ୍ଧ ଆରକ୍ଷୀ ଅଧୀକ୍ଷକ କୁଲଦୀପ ମୀନା, ଅତିରିକ୍ତ ଜିଲ୍ଲାପାଳ ବିରଞ୍ଚି ନାରାୟଣ ଦରଓ୍ୱାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ବୌଦ୍ଧ ମଡେଲ୍ ଡିଗ୍ରୀ କଲେଜର ସମାଜ ବିଜ୍ଞାନ ଅଧ୍ୟାପକ ସୌମ୍ୟ ରଞ୍ଜନ ନାୟକ ଏବଂ ଅନ୍ୟାନ୍ୟ



ବରିଷ୍ଠ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ।

କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ଜିଲ୍ଲାପାଳ ନାୟକ କହିଥିଲେ, ବୌଦ୍ଧ ଜିଲ୍ଲାକୁ ନକ୍ସଲମୁକ୍ତ କରିବାରେ ପ୍ରଶାସନ, ପୁଲିସ, ଜନପ୍ରତିନିଧି, ବୁଦ୍ଧିଜୀବୀ, ସମାଜସେବୀ ଓ ଗଣମାଧ୍ୟମର ସାମୂହିକ ଅବଦାନ ରହିଛି। ସରକାରଙ୍କ ଥଇଥାନ ଓ ଜନକଲ୍ୟାଣମୂଳକ ଯୋଜନା ନକ୍ସଲବାଦର ପ୍ରଭାବ ହ୍ରାସ କରିବାରେ ସହାୟକ ହୋଇଛି । ତେବେ ଏହି ସଫଳତାକୁ ସ୍ଥାୟୀ ଭାବେ ବଜାୟ ରଖିବା ସହ ନକ୍ସଲବାଦର ପୁନରାବୃତ୍ତି ରୋକିବା ପାଇଁ ସମସ୍ତଙ୍କୁ ନିରନ୍ତର ସମନ୍ୱିତ ପ୍ରୟାସ କରିବାକୁ ହେବ । କୃଷି, ମତ୍ସ୍ୟଚାଷ, ଉଦ୍ୟାନ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ଛାତ୍ରବୃତ୍ତି ଓ ଆତ୍ମନିଯୁକ୍ତି ସମେତ ବିଭିନ୍ନ ସରକାରୀ ଯୋଜନାର ସୁଫଳ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବାରେ ଗଣମାଧ୍ୟମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ । ଖବରକାଗଜ, ଟେଲିଭିଜନ୍ ଓ ଡିଜିଟାଲ୍ ଗଣମାଧ୍ୟମ ଜରିଆରେ ସରକାରୀ ଯୋଜନା ଓ ଲୋକାଭିମୁଖୀ ପଦକ୍ଷେପ ସମ୍ପର୍କରେ ଜନସଚେତନତା ବୃଦ୍ଧି କରାଯିବା ଆବଶ୍ୟକ।

ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ଶ୍ରୀ ମୀନା ଜିଲ୍ଲାରେ ମାଓବାଦୀ ବିରୋଧୀ ଅଭିଯାନର ସଫଳତା ଓ ସୁରକ୍ଷା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଥିଲେ, ୨୦୨୩ ଜୁନ୍‌ରୁ ଅଭିଯାନ ଆରମ୍ଭ ହୋଇଥିଲା । ୨୦୨୩ ନଭେମ୍ବରରୁ ୨୦୨୪ ଫେବୃଆରୀ ମଧ୍ୟରେ ବିଭିନ୍ନ ସ୍ଥାନରେ ମାଓବାଦୀଙ୍କ ସହ ଗୁଳି ବିନିମୟ ହୋଇଥିଲା ଏବଂ ୨୦୨୪ ଏପ୍ରିଲ୍‌ରେ ବୌଦ୍ଧ ପୁଲିସକୁ ବଡ଼ ସଫଳତା ମିଳିଥିଲା।

ପିଆଇବି ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ମିଶ୍ର କହିଥିଲେ ଯେ, ଗଣମାଧ୍ୟମ ଓ ସରକାରଙ୍କ ମଧ୍ୟରେ ଯୋଗାଯୋଗର ସେତୁ ଭାବେ 'ବାର୍ତ୍ତାଳାପ' କାର୍ଯ୍ୟକ୍ରମର ମହତ୍ୱପୂର୍ଣ୍ଣ ଭୂମିକା ରହିଛି । ନକ୍ସଲ ହିଂସାରୁ ମୁକ୍ତ ଅଞ୍ଚଳଗୁଡ଼ିକରେ ବିକାଶର ନୂତନ ଧାରାକୁ ଲୋକଲୋଚନକୁ ଆଣିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ।

ହି

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର,୧୫ ନଭେମ୍ବର, ୨୦୨୬ ରବିବାର



ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ସମସ୍ତଙ୍କ ମୁଣ୍ଡ...

'ବିକଶିତ ଭାରତ' ଗଠନ ଲକ୍ଷ୍ୟରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନଙ୍କ ନେତୃତ୍ୱରେ କୃଷି ଓ ଗ୍ରାମୀଣ ବିକାଶ କ୍ଷେତ୍ର ଦ୍ରୁତ ଗତିରେ ଆଗେଇ ଚାଲିଛି। ଆଜି ପ୍ରଥମ ପର୍ଯ୍ୟାୟରେ ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ଓଡ଼ିଶା ପାଇଁ ନୂତନ ଆବାସ ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ୨୦୨୫ ଜାନୁଆରୀରୁ ମେ' ମଧ୍ୟରେ ହୋଇଥିବା 'ଆଶ୍ୱାସ ପୁସ ୨୦୨୪' ସର୍ଭେ ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଥିଲେ ଯେ କେନ୍ଦ୍ର ସରକାର ୪ ଲକ୍ଷ ଘର ପୂର୍ବରୁ ମଞ୍ଜୁର କରିଥିବା ବେଳେ ବର୍ତ୍ତମାନ ଆଉ ଏକ ଲକ୍ଷ ଘର ମଞ୍ଜୁର କରିଥିବା ଯୋଗୁ ଏହି ଯୋଜନାରେ ରାଜ୍ୟର ୫ ଲକ୍ଷ ଘର ମଞ୍ଜୁର ହୋଇଛି। ମୁଖ୍ୟମନ୍ତ୍ରୀ ଆଉ ଏକ ଲକ୍ଷ ଘର ପାଇଁ ଅନୁରୋଧ କରିଥିଲେ। ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଆବାସ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ଅଧୀନରେ ବିଶେଷ ଭାବେ ଦୁର୍ବଳ ଜନଜାତି ଗୋଷ୍ଠୀ ପରିବାରଙ୍କ ପାଇଁ ମଞ୍ଜୁର ହୋଇଥିବା ୪୧ ହଜାର ୭୫ଟି ଘର ମଧ୍ୟରୁ ୩୫ ହଜାର ୬୩୫ଟି ଘର ସମ୍ପୂର୍ଣ୍ଣ ହୋଇଛି। ସେହିପରି ୨୦୨୫ ମାର୍ଚ୍ଚ ୩୦ ତାରିଖରେ ଆରମ୍ଭ ହୋଇଥିବା ରାଜ୍ୟର ନିଜସ୍ୱ 'ଅନ୍ତ୍ୟୋଦୟ ଗୃହ ଯୋଜନା'ରେ ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ, ଦିବ୍ୟାଙ୍ଗ ମୁଖ୍ୟ ରୋଜଗାରକାରୀ ଥିବା ପରିବାର, ଅସହାୟ ଓ ବିଧବା ମହିଳାଙ୍କ ପରିବାରକୁ ସାମିଲ କରାଯାଇଛି। ଏଥିରେ ମଞ୍ଜୁର ୨ ଲକ୍ଷ ୨୫ ହଜାର ଘର ମଧ୍ୟରୁ ୧ ଲକ୍ଷ ୪୭ ହଜାର ଘର ନିର୍ମାଣ ଶେଷ ହୋଇଛି। ଅଧିକ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ଏହି ଯୋଜନାର ଅବଧିକୁ ଆଉ ୨ ବର୍ଷ ବୃଦ୍ଧି କରାଯାଇ ୨୦୨୯ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବ, ଯାହାଦ୍ୱାରା ୨ ଲକ୍ଷ ୯୧ ହଜାର ୬୬୬ ନୂଆ ଘର ନିର୍ମାଣ କରାଯାଇପାରିବ। ଏହା ବ୍ୟତୀତ ୫ ମାସ ମଧ୍ୟରେ ଘର ଶେଷ କଲେ ୩୫ ହଜାର ଟଙ୍କା ଓ ୭ ମାସ ମଧ୍ୟରେ ଶେଷ କଲେ ୨୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି, ଯାହାଦ୍ୱାରା ଏପର୍ଯ୍ୟନ୍ତ ୧୧ ଲକ୍ଷ ୩୫ ହଜାର ହିତାଧିକାରୀ ଉପକୃତ ହୋଇଛନ୍ତି। କେନ୍ଦ୍ର କୃଷି ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଥିଲେ ଯେ, ସେ ଅତିଥି ନୁହଁନ୍ତି ବରଂ ମନ୍ତ୍ରୀ ରୂପରେ ଜଣେ ସେବକ ଭାବେ ଆସିଛନ୍ତି। ପାରମ୍ପରିକ କୃଷି ସହ ଆଧୁନିକ ଜ୍ଞାନ କୌଶଳକୁ ଆପଣାଇବାକୁ ପଡ଼ିବ ଏବଂ ଆଗାମୀ ଦିନରେ ବଲାଙ୍ଗୀରର ନୂତନ କୃଷି ବିଶ୍ୱବିଦ୍ୟାଳୟ ଦେଶର ଅନ୍ୟତମ ଶ୍ରେଷ୍ଠ ବିଶ୍ୱ ବିଦ୍ୟାଳୟ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ସରଳ ଓ ନିଷ୍ପଟ ବ୍ୟକ୍ତି, ଯାହାଙ୍କ ସହ ମିଶି ବିନା କୌଣସି ତ୍ରୁଟିରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଲାଭ ପହଞ୍ଚାଯିବ ବୋଲି ସେ କହିଥିଲେ। ହେଲିକପ୍ଟରରୁ ବଲାଙ୍ଗୀର ଘର ଛାତ ଉପରେ ସୋଲାର ପ୍ୟାନେଲ୍ ଦେଖି ସେ ଖୁସି ବ୍ୟକ୍ତ କରିବା ସହ ରାଜ୍ୟରେ ୨୯ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଓଡ଼ିଶାର ପ୍ରତି ଗାଁକୁ ପକ୍କା ସଡ଼କ ଦ୍ୱାରା ଯୋଡ଼ାଯିବ । ପୂର୍ବରୁ ୪ ଲକ୍ଷ ଘର ମଞ୍ଜୁର ହୋଇଥିବା ବେଳେ ଶନିବାର ଅଧିକ ୧ ଲକ୍ଷ ଘର ମଞ୍ଜୁର କରାଯାଉଛି ଏବଂ ଭବିଷ୍ୟତରେ ଆହୁରି ଅଧିକ ଘର ଦିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ଘୋଷଣା କରିଥିଲେ। କେନ୍ଦ୍ରମନ୍ତ୍ରୀ ଘୋଷଣା କରିଥିଲେ ଯେ ପ୍ରଧାନମନ୍ତ୍ରୀ ବିଭିନ୍ନ ରାଜ୍ୟରୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ଯେଉଁ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରିଛନ୍ତି, ଓଡ଼ିଶାରେ ତାହା ବଲାଙ୍ଗୀର ମାଟିରୁ ତାହା ଆରମ୍ଭ କରାଯିବ । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କୃଷି ପର୍ଯ୍ୟଟନ ଏବଂ ଉନ୍ନତ ବିଦ୍ୟୁତ୍ ଉତ୍ପାଦନ ପାଇଁ କୃଷି କ୍ଷେତ୍ରରେ ଆଗ୍ରୋ ପ୍ୟାନେଲ୍ ସ୍ଥାପନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହିତ 'ପିଏମ୍ ସୂର୍ଯ୍ୟଘର ଯୋଜନା'କୁ ଯୋଡ଼ାଯିବ ଏବଂ ଘରର ଛାତ ଉପରେ ସୋଲାର ପ୍ୟାନେଲ୍ ସ୍ଥାପନ ସୁନିଶ୍ଚିତ କରାଯିବ। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି ଯେ, ଘର କାହା ପାଇଁ ଏକ ସ୍ୱପ୍ନ ତ କାହା ପାଇଁ ଏକ ପରିଚୟ ଓ ଠିକଣା, ଏବଂ ଏକ ପରିବାର ପାଇଁ ଏହା ସୁରକ୍ଷା କବଚ, ତେଣୁ ପ୍ରତ୍ୟେକ ସାମାଜିକ ପ୍ରାଣୀ ପାଇଁ ଘର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଘର ନିର୍ମାଣ ଶେଷ କରୁଥିବା ହିତାଧିକାରୀମାନଙ୍କୁ ଆମ ସରକାର ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି। ଯେକୌଣସି ମୂଲ୍ୟରେ ସମସ୍ତଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ ସରକାର ସମ୍ପୂର୍ଣ୍ଣ ଭାବେ ଧ୍ୟାନ ଦେଉଛନ୍ତି। ଏହା ସହିତ ପ୍ରତ୍ୟେକ ପଞ୍ଚାୟତରେ କଲ୍ୟାଣ ମଣ୍ଡପ, ଖେଳପଡ଼ିଆ ଏବଂ ପୋଖରୀ ନିର୍ମାଣ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ଘର କେବଳ ଏକ ବାସସ୍ଥାନ ନୁହେଁ, ଏହା ଜଣେ ମହିଳାଙ୍କ ପାଇଁ ସମ୍ମାନ ଏବଂ ଏକ ପରିବାର ପାଇଁ ସୁରକ୍ଷାର ପ୍ରତୀକ। ଆମ ସରକାର କେବଳ ଘର ଯୋଗାଇ ଦେଉନାହାନ୍ତି, ବରଂ ପ୍ରତ୍ୟେକ ଗାଁକୁ ବିଶୁଦ୍ଧ ପାନୀୟ ଜଳ ଏବଂ ସଡ଼କ ସଂଯୋଗୀକରଣର ସୁବିଧା ମଧ୍ୟ ସୁନିଶ୍ଚିତ କରୁଛନ୍ତି। ବଲାଙ୍ଗୀର ମେଡିକାଲ କଲେଜରେ ଅଧିକ ସଂଖ୍ୟକ ପିଜି ସିଟ୍ ପ୍ରଦାନ କରିଥିବାରୁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇବା ସହ ଆଗାମୀ ଦିନରେ ବଲାଙ୍ଗୀର ଏକ ପ୍ରମୁଖ ମେଡିକାଲ ହବ୍‌ରେ ପରିଣତ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ ଯେ, ମା' ପାଟଣେଶ୍ୱରୀଙ୍କ ପୀଠରେ ଆୟୋଜିତ ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ନିମନ୍ତେ ପ୍ରାୟ ୯୧୧ କୋଟି ଟଙ୍କାର ୨୪୮ଟି ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି, ଯେଉଁଥିରେ ପ୍ରାୟ ୧୭୬ କୋଟି ଟଙ୍କାର ୧୬୦ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଏବଂ ୭୩୫ କୋଟି ଟଙ୍କା ମୂଲ୍ୟର ୮୮ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଅନ୍ତର୍ଭୁକ୍ତ। ସ୍ୱାସ୍ଥ୍ୟ ଭିତ୍ତିଭୂମି, ଜଳଯୋଗାଣ, ଜଳସେଚନ ପ୍ରକଳ୍ପ, ଅଙ୍ଗନବାଡ଼ି କେନ୍ଦ୍ର, ଅତିରିକ୍ତ ଶ୍ରେଣୀଗୃହ, ସଡ଼କ ଉନ୍ନତିକରଣ ଓ ହଷ୍ଟେଲ୍ ଆଦି ଏହି ପ୍ରକଳ୍ପଗୁଡ଼ିକ ବଲାଙ୍ଗୀରର ବିକାଶ ଯାତ୍ରାରେ ନୂଆ ଫର୍ଦ୍ଦ ଯୋଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ସାଂସଦ ସଙ୍ଗୀତା ସିଂହଦେଓ, ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍, ଟିଟିଲାଗଡ଼ ବିଧାୟକ ନବୀନ କୁମାର ଜୈନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିସନର ତଥା ଶାସନ ସଚିବ ରୂପା ମିଶ୍ର ଏବଂ ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜୀ ଇଶଲ୍ଦର ପ୍ରମୁଖ ଉପସ୍ଥିତ ଥିଲେ।

ପାକିସ୍ତାନକୁ ହରାଇ...

ଭାଗୀଦାରୀ ମ୍ୟାଚର ମୋଡ଼ ବଦଳାଇ ଦେଇଥିଲା।

ପ୍ରଥମେ ବ୍ୟାଟିଂ କରି ପାକିସ୍ତାନର ଓପନର ଉସମାନ ଖାନ ଏକ ଶତକ ହାସଲ କରିଥିଲେ। ଦ୍ୱିତୀୟ ୱିକେଟ ପାଇଁ ଅବଦୁଲ କାଦିରଙ୍କ ସହ ୧୩୫ ରନର ଭାଗୀଦାରୀ ଗଢ଼ିଥିଲେ। ଉସମାନ ୧୧୧ ବଲରୁ ୧୦୭ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ୩ଟି ଛକା ଏବଂ ୧୧ଟି ଚୌକା ସାମିଲ ଥିଲା। କାଦିର ୫୪ ବଲରୁ ୮୦ ରନର ଏକ ବିସ୍ଫୋରକ ଇନିଂସ ଖେଳିଲେ। ଯେଉଁଥିରେ ୮ଟି ଛକା ଏବଂ ୩ଟି ଚୌକା ରହିଥିଲା। ଚତୁର୍ଥ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ପାକିସ୍ତାନ ଅଧିନାୟକ ଫରହାନ ୟୁସୁଫ ମଧ୍ୟ ଏକ ଅର୍ଦ୍ଧଶତକ ହାସଲ କଲେ ଏବଂ ୬୦ ବଲରୁ ୬୩ ରନ ଯୋଗଦାନ ଦେଲେ। ଫଳରେ ପାକିସ୍ତାନ ୯ ୱିକେଟ ହରାଇ ୩୩୭ ରନ୍ ସଂଗ୍ରହ କରିଥିଲା। ଟାଇଟଲ ହାତେଇବା ପାଇଁ ଭାରତକୁ ୩୩୮ ରନର ଆବଶ୍ୟକତା ରହିଥିଲା।

ଚାମ୍ପିୟନ ଭାରତୀୟ...

ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତୀୟ କ୍ରିକେଟ୍ ପାଇଁ ଆଜି ଏକ ସ୍ମରଣୀୟ ଦିବସ। ଆଜିର ପ୍ରଦର୍ଶନ ଏବଂ ୧୯ ବର୍ଷରୁ କମ୍ ପୁରୁଷ ଏସିଆ କପ୍ ୨୦୨୬ ବିଜୟୀ ଯୁବ କ୍ରିକେଟରଙ୍କୁ ନେଇ ଭାରତ ଗର୍ବ ଅନୁଭବ କରୁଛି। ତାଙ୍କର ଏହି ସଫଳତା ଅନ୍ୟ ଯୁବକମାନଙ୍କ ପାଇଁ ପ୍ରେରଣା ଯୋଗାଇବ। ଟିମର ଭବିଷ୍ୟତ ଏବଂ ପ୍ରୟାସ ପାଇଁ ଶୁଭକାମନା ଜଣାଉଛି। ସେହିପରି ଟିମ୍ ଇଣ୍ଡିଆର ବିଜୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୁସି ବ୍ୟକ୍ତ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲେଖିଛନ୍ତି, ୧୯ବର୍ଷରୁ କମ୍ ଭାରତୀୟ କ୍ରିକେଟ୍ ଟିମ୍‌କୁ ଅଭିନନ୍ଦନ ଜଣାଉଛି। ଭାରତୀୟ ଯୁବ କ୍ରିକେଟରମାନେ ଆଜି ତାଙ୍କର ଭଲ ପ୍ରଦର୍ଶନ ମାଧ୍ୟମରେ ପାକିସ୍ତାନକୁ ପରାସ୍ତ କରିପାରିଛନ୍ତି। ଭାରତୀୟ ଯୁବ କ୍ରିକେଟ୍ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

୪୫ତମ ...

ପ୍ରଦର୍ଶନ କରାଯାଇଛି। ରାଜ୍ୟର ବିଭିନ୍ନ ବିଭାଗ, ସଂସ୍ଥା, ସମବାୟ ସମିତି ଏବଂ ଉତ୍ପାଦକ ସଂଗଠନଗୁଡ଼ିକ ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରି ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ ରଖିବା ସହିତ ନବସୃଜନ, ଉଦ୍ୟମିତା ଏବଂ ନିରନ୍ତର ବିକାଶ ଆଡ଼କୁ ଅଗ୍ରସର ହେବାର ଯାତ୍ରାକୁ ପ୍ରତିଫଳିତ କରୁଛନ୍ତି । ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ ଏବଂ ସାମ୍ପ୍ରତିକ ବିକାଶ ଯାତ୍ରାକୁ ଉପସ୍ଥାପନ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି ଯେ, ସମ୍ବଲପୁରୀ ବସ୍ତ୍ର, ସୂତା, ଟସର ଓ ରେଶମ ସାମଗ୍ରୀ, ପଟ୍ଟଚିତ୍ର, ତାଳପତ୍ର ଖୋଦେଇ କଳା, ରୂପା ତାରକସି କାମ, ଢୋକ୍ରା ଶିଳ୍ପ, ପଥର ଓ କାଠ ଖୋଦେଇ, ଆପ୍ଲିକ୍ (ଚାନ୍ଦୁଆ) କାମ ଏବଂ ଅନ୍ୟାନ୍ୟ ପାରମ୍ପରିକ କଳାକୃତି ରାଜ୍ୟର କାରିଗରମାନଙ୍କ ଅସାଧାରଣ ଦକ୍ଷତାକୁ ପ୍ରଦର୍ଶିତ କରୁଛି। ରୂପା ତାରକସି, ଢୋକ୍ରା ଶିଳ୍ପ, ପଥର ଖୋଦେଇ ଏବଂ ପାରମ୍ପରିକ ବୁଣାକାର୍ଯ୍ୟର ପ୍ରତ୍ୟକ୍ଷ ପ୍ରଦର୍ଶନ ଏହାର ଆକର୍ଷଣକୁ ବଢାଉଥିବାବେଳେ ବ୍ଲକଚେନ୍ ଜ୍ଞାନକୌଶଳ ସମ୍ବଳିତ ହସ୍ତତନ୍ତ ବୁଣାକାର୍ଯ୍ୟ, ପାରମ୍ପରିକ କଳାକୌଶଳ ସହିତ ଆଧୁନିକ ପ୍ରଯୁକ୍ତିବିଦ୍ୟାର ସମନ୍ୱୟକୁ ଦର୍ଶାଉଛି। ଏହି ମେଳାରେ 'ମିଶନ ଶକ୍ତି' ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସବାଇ ଘାସରୁ ତିଆରି ସାମଗ୍ରୀ, ଆଦିବାସୀ ଅଳଙ୍କାର, ପେପର ମାଚେ, ମାଣ୍ଡିଆ ଜାତୀୟ ସାମଗ୍ରୀ, ଖାଇବା ପାଇଁ ପ୍ରସ୍ତୁତ ଖାଦ୍ୟ ପଦାର୍ଥ, ହସ୍ତତନ୍ତ ଏବଂ ହସ୍ତଶିଳ୍ପ ସାମଗ୍ରୀ ପରି ବିଭିନ୍ନ ଆକର୍ଷଣୀୟ ସାମଗ୍ରୀ ପ୍ରଦର୍ଶିତ ହେଉଛି । ସେହିପରି 'ଓରମାସ୍' ଗ୍ରାମୀଣ ଉଦ୍ୟୋଗୀତାର ଶକ୍ତିକୁ ପ୍ରତିଫଳିତ କରୁଥିବା ଗୋଲଡେନ୍ ଗ୍ରାସ୍ (ସୁବର୍ଣ୍ଣ ଘାସ) ସାମଗ୍ରୀ, ବିଭିନ୍ନ ମସଲା, ମାଣ୍ଡିଆ ଜାତୀୟ ଉତ୍ପାଦ, ଆଚାର, ମହୁଲ ଜାତୀୟ ସାମଗ୍ରୀ ଏବଂ ନଡ଼ିଆ କତା ଭଳି ସାମଗ୍ରୀଗୁଡ଼ିକୁ ପ୍ରଦର୍ଶିତ କରୁଛି। ଏହି ପ୍ରଦର୍ଶନୀଗୁଡ଼ିକ ଅନ୍ତର୍ଭୁକ୍ତ ଅର୍ଥନୈତିକ ବିକାଶ ଏବଂ ସ୍ଥାୟୀ ଜୀବିକା କ୍ଷେତ୍ରରେ ମହିଳା ଓ ଗ୍ରାମୀଣ ସମ୍ପ୍ରଦାୟର ଅବଦାନକୁ ଉଜାଗର କରୁଛି। ଏହି ପାଭିଲିୟନ୍‌ରେ ଓଡ଼ିଶାର ଜନଜାତି ଐତିହ୍ୟକୁ ମଧ୍ୟ ପ୍ରଦର୍ଶିତ କରାଯାଇଛି, ଯେଉଁଥିରେ ଗୋଣ୍ଡ ଓ ଲାଞ୍ଜିଆ ସୌରା ଚିତ୍ରକଳା, ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ସ୍ୱତନ୍ତ୍ର ଶାଲ୍, କ୍ଷୁଦ୍ର ଜଙ୍ଗଲଜାତ ଦ୍ରବ୍ୟ, ଆଦିବାସୀଙ୍କ ଦ୍ୱାରା ପ୍ରସ୍ତୁତ ମୂଲ୍ୟଯୁକ୍ତ ସାମଗ୍ରୀ ଏବଂ କୋରାପୁଟ କଫି ଅନ୍ତର୍ଭୁକ୍ତ। ମାଣ୍ଡିଆ, କଳା ଚାଉଳ, ପାରମ୍ପରିକ କିସମର ଚାଉଳ, କାଜୁ, ମହୁ, ମସଲା ଏବଂ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ମୂଲ୍ୟଯୁକ୍ତ ସାମଗ୍ରୀ ଭଳି କୃଷିଜାତ ଦ୍ରବ୍ୟଗୁଡ଼ିକ, ରାଜ୍ୟର ସ୍ଥାୟୀ କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଥିବା ସମ୍ଭାବନାକୁ ଦର୍ଶାଉଛି। 'ଓମଫେଡ୍' ନିଜର ଦୁଗ୍ଧଜାତ ସାମଗ୍ରୀ ସହିତ କନ୍ଧମାଳର ଜୈବିକ ହଳଦୀ ପ୍ରଦର୍ଶନ କରୁଥିବା ବେଳେ, 'ଓଡ଼ିଶା ପର୍ଯ୍ୟଟନ' ବିଭାଗ କୋଣାର୍କର ସୂର୍ଯ୍ୟ ମନ୍ଦିର, ପୁରୀର ଶ୍ରୀଜଗନ୍ନାଥ ଧାମ ଏବଂ ଚିଲିକା ହ୍ରଦର ପ୍ରତୀକ ସହ ରାଜ୍ୟର ସମୃଦ୍ଧ ଆଧ୍ୟାତ୍ମିକ, ସାଂସ୍କୃତିକ ଏବଂ ପ୍ରାକୃତିକ ଆକର୍ଷଣଗୁଡ଼ିକୁ ଉପସ୍ଥାପନ କରୁଛି । ଉତ୍ପାଦକ, ଉଦ୍ୟୋଗୀ, କ୍ରେତା, ରପ୍ତାନୀକାରୀ, ନିବେଶକ ଏବଂ ଶିଳ୍ପ ଅଂଶୀଦାରମାନଙ୍କ ମଧ୍ୟରେ ପାରସ୍ପରିକ କ୍ରିୟାକୁ ସୁଗମ କରିବା ପାଇଁ ସମର୍ପିତ ରପ୍ତାନୀ ଏବଂ ବ୍ୟବସାୟ-ରୁ-ବ୍ୟବସାୟ ପ୍ଲାଟଫର୍ମର ମଧ୍ୟ ବ୍ୟବସ୍ଥା କରାଯାଇଛି। ଏହି ପ୍ଲାଟଫର୍ମଗୁଡ଼ିକର ଲକ୍ଷ୍ୟ ବଜାର ସଂଯୋଗକୁ ସୁଦୃଢ଼ କରିବା, ବ୍ୟବସାୟିକ ସହଭାଗୀତାକୁ ଉତ୍ସାହିତ କରିବା ଏବଂ ଜାତୀୟ ଏବଂ ଅନ୍ତର୍ଜାତୀୟ ବଜାରରେ ଓଡ଼ିଶାର ଉତ୍ପାଦ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବା। ୨୦୨୬ ମସିହା ନଭେମ୍ବର ୧୪ ରୁ ୨୭ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍‌ର ହଲ୍-୩ ରେ 'ଓଡ଼ିଶା ପାଭିଲିୟନ୍' ଦର୍ଶକଙ୍କ ପାଇଁ ଖୋଲା ରହିବ। ଏଠାରେ ରାଜ୍ୟର ସାଂସ୍କୃତିକ ସମୃଦ୍ଧି, ପାରମ୍ପରିକ ଉତ୍କର୍ଷ, ଉତ୍ପାଦନ କ୍ଷେତ୍ରରେ ସାମର୍ଥ୍ୟ ଏବଂ ବିକାଶର ନୂତନ ସମ୍ଭାବନାଗୁଡ଼ିକୁ ଜାଣିବା ଓ ଅନୁଭବ କରିବାର ସୁଯୋଗ ମିଳିବ। ଏହି ଅବସରରେ ସ୍ୱତନ୍ତ୍ର ଆବାସିକ ଆୟୁକ୍ତ ରତୁ ଆରୋରା, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳ ଓ ଅତିରିକ୍ତ ଆବାସିକ ଆୟୁକ୍ତ ସୁଚରିତା ଷଡଙ୍ଗୀ ଉପସ୍ଥିତ ଥିଲେ। ଅନ୍ୟ ଉପସ୍ଥିତ ଅଧିକାରୀମାନଙ୍କ ମଧ୍ୟରେ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି; ଆଇ.ଆଇ.ଟି.ଏଫ୍ ରେ ଓଡ଼ିଶା ପାଭିଲିୟନର ଉପ-ନିର୍ଦ୍ଦେଶକ ତଥା ନୋଡାଲ୍ ଅଧିକାରୀ ଅଶ୍ୱିନୀ ଭୋଇ, ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ଦୀପକ କୁମାର ସାହୁ, ସହକାରୀ ନିର୍ଦ୍ଦେଶକ (ସୋସିଆଲ୍ ମିଡିଆ) ବିନାୟକ ମିଶ୍ର, ଏ.ପି.ଆଇ.ଓ ହର ପ୍ରସାଦ ମହାପାତ୍ର, ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ଅଂଶଗ୍ରହଣକାରୀ ବିଭାଗ ଓ ସଂସ୍ଥାର ନୋଡାଲ୍ ଅଧିକାରୀମାନେ ଉପସ୍ଥିତ ଥିଲେ।

ଭାରତ-ଆମେରିକା...

କିଛି ପ୍ରସଙ୍ଗରେ ଆମେରିକା ପକ୍ଷରୁ ଅଧିକ ପରିବର୍ତ୍ତନ ଆବଶ୍ୟକ ରହିଛି। ତେଣୁ ଏହି ଚୁକ୍ତି ଖୁବ୍‌ଶୀଘ୍ର ଚୂଡ଼ାନ୍ତ ହେବ ବୋଲି ଭାରତ ଆଶା ରଖିଛି। ସେ ଆହୁରି କହିଛନ୍ତି, କୌଣସି ଆଲୋଚନା ଶେଷ ପର୍ଯ୍ୟାୟରେ ପହଞ୍ଚିଲେ ଲୋକଙ୍କ ମଧ୍ୟରେ ଏହାକୁ ନେଇ ଉତ୍ସୁକତା ବଢ଼ିଥାଏ। କେଉଁ ପ୍ରସଙ୍ଗ ଅଟକିଛି ଏବଂ ଚୁକ୍ତି କେବେ ଶେଷ ହେବ, ତାହା ଜାଣିବାକୁ ସମସ୍ତେ ଚାହାନ୍ତି। କିନ୍ତୁ ଆଲୋଚନା ଚାଲିଥିବା ସମୟରେ ଅଧିକାରୀମାନେ ସାଧାରଣତଃ ଏଭଳି ସୂଚନା ସାର୍ବଜନୀନ କରନ୍ତି ନାହିଁ। ପୂର୍ବରୁ ପରମାଣୁ ଚୁକ୍ତି ନେଇ ଆଲୋଚନା ସମୟରେ ମଧ୍ୟ ଏଭଳି ପରିସ୍ଥିତି ଉପୁଜିଥିବା ଜୟଶଙ୍କର ଉଦାହରଣ ଦେଇଛନ୍ତି।

ସମ୍ଭାବ୍ୟ ବାତ୍ୟା ...

ଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନଯିବାକୁ କୁହାଯାଇଛି। ଏହାସହ ଯେଉଁ ମତ୍ସ୍ୟଜୀବୀମାନେ ଏବେ ସମୁଦ୍ରରେ ଅଛନ୍ତି, ସେମାନଙ

ଉତ୍କଳ ଦୀପିକା

ଭୁବନେଶ୍ୱର, ୧୫ ନଭେମ୍ବର, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ ଗୁରୁ ରବିଶଙ୍କର : ଦେଶବାସୀଙ୍କ ମଙ୍ଗଳ କାମନା କଲେ

ପୁରୀ ୧୪।୧୧ ନ୍ୟୁଜ ବ୍ୟୁରୋ

ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ ସହିତ ଆଶୀର୍ବାଦ ଲାଭ କଲେ ଆର୍ଟ ଅଫ୍ ଲିଭିଙ୍ଗର ପ୍ରତିଷ୍ଠାତା ତଥା ଆଧ୍ୟାତ୍ମିକ ଗୁରୁ ରବିଶଙ୍କର। ତିନିଦିନିଆ ଓଡ଼ିଶା ଗସ୍ତରେ ଆସି ଆଜି କଡ଼ା ସୁରକ୍ଷା ମଧ୍ୟରେ ଗୁରୁ ରବିଶଙ୍କର ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ପ୍ରଥମେ ଗଜପତିଙ୍କ ଶ୍ରୀନଅର ଯାଇଥିଲେ । ସେଠାରୁ ଶ୍ରୀମନ୍ଦିର ସିଂହଦ୍ୱାର ଠାରେ ପହଞ୍ଚିବା ପରେ ଅରୁଣ ସ୍ତମ୍ଭ ନିକଟରେ ପ୍ରଣିପାତ କରିଥିଲେ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ସେବାୟତଙ୍କ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ରତ୍ନ ସିଂହାସନରେ ଚତୁର୍ଦ୍ଧା ବିଗ୍ରହଙ୍କୁ



ଦର୍ଶନ ଓ ପୂଜାର୍ଚ୍ଚନା ପରେ ମା' ବିମଳା, ମା' ଲକ୍ଷ୍ମୀଙ୍କୁ ଦର୍ଶନ କରିବା ପରେ ବାଇଶି ପାହାଚରେ କିଛି ସମୟ ଅତିକ୍ରାନ୍ତ କରିଥିଲେ ଓ ଶ୍ରଦ୍ଧାଳୁଙ୍କ ସହ ମତ ବିନିମୟ କରିଥିଲେ ରବିଶଙ୍କର । ଦର୍ଶନ ପରେ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ମହାପ୍ରଭୁଙ୍କ ଅପାର କରୁଣାରୁ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ ହେଲା । ଦେଶ ଓ ରାଜ୍ୟବାସୀଙ୍କ ମଙ୍ଗଳ କାମନା କରି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କଲି। ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଅତି ସୁନ୍ଦର ଦର୍ଶନ ବ୍ୟବସ୍ଥା କରାଯାଇଛି ବୋଲି ସେ ପ୍ରତିକ୍ରିୟା ରଖିଛନ୍ତି । ଦର୍ଶନ ପରେ ପୁଣି ଥରେ ଶ୍ରୀନଅର ଯାଇ ଗଜପତି ଦିବ୍ୟସିଂହ ଦେବଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ପରେ ନୀଳାଦ୍ରି ଭକ୍ତ ନିବାସ ଯାଇ ନୀଳ ଶୈଳ କାର୍ଯ୍ୟକ୍ରମରେ ଚିତ୍ରକଳା ଶିବିର ବୁଲି ଦେଖିଛନ୍ତି । ସିଂହଦ୍ୱାରରେ ତାଙ୍କ ଅନୁଗାମୀ ମାନଙ୍କ ଭିଡ ଦେଖିବାକୁ ମିଳିଥିଲା।

ଖଣ୍ଡୁଆ ପାଟ ପିନ୍ଧିବା ବେଳେ ଶୁଦ୍ଧତା ରଖିବା ଜରୁରୀ

ପୁରୀ, ୧୪/୧୧ ନ୍ୟୁକ ବ୍ୟୁରୋ

ଖଣ୍ଡୁଆ ପାଟ କେବଳ ଗୋଟିଏ କପଡ଼ା ନୁହେଁ। ଏହା ଓଡ଼ିଆ ଅସ୍ମିତା । ଭକ୍ତି ଆଉ ପରମ୍ପରାର ପ୍ରତୀକ। ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଶ୍ରୀଅଙ୍ଗରେ ଏହି ଖଣ୍ଡୁଆ ପାଟ ଲାଗି ହୁଏ । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବିଭିନ୍ନ ବେଶ ଓ ନୀତିକାନ୍ତିରେ ଖଣ୍ଡୁଆ ପାଟର ବିଶେଷ ସ୍ଥାନ ରହିଛି । ଭକ୍ତମାନେ ଏହାକୁ ଅତ୍ୟନ୍ତ ପବିତ୍ର ବୋଲି ମାନନ୍ତି । ଘରେ ପୂଜା ହେଉ କି ଶୁଭ କାର୍ଯ୍ୟ । ଖଣ୍ଡୁଆ ପାଟକୁ ସମ୍ମାନର ସହ ବ୍ୟବହାର କରାଯାଏ । ଏହା ମହାପ୍ରଭୁଙ୍କ ଆଶୀର୍ବାଦ ବୋଲି ଭକ୍ତମାନେ ଭାବନ୍ତି । କିନ୍ତୁ ଗତ କିଛି ଦିନ ହେଲା ସାମାଜିକ ଗଣମାଧ୍ୟମରେ ଏଭଳି କିଛି ଭିଡିଓ ଓ ଫଟୋ ଭାଇରାଲ୍ ହେଉଛି । ଯାହାକୁ ଦେଖି ଭକ୍ତ ସେବାୟତଙ୍କ ଭାବନାକୁ ଆଘାତ ଲାଗିଛି । କିଛି ଲୋକ ଚପଲ ପିନ୍ଧି କାନ୍ଧରେ ଖଣ୍ଡୁଆ ପାଟ ପକାଇ ବୁଲୁଛନ୍ତି। କିଛି ଜାଗାରେ ଖଣ୍ଡୁଆ ପାଟ ପିନ୍ଧି ଡିଜେ ଗୀତରେ ନାଚୁଥିବାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି । ଏହା କେବଳ ଫ୍ୟାସନ୍ କି ମନୋରଞ୍ଜନ ନୁହେଁ । ଏହା ପବିତ୍ରତା ପ୍ରତି ଅସମ୍ମାନ ବୋଲି କହିଛନ୍ତି ଜଗନ୍ନାଥ ପ୍ରେମୀ ଓ ସେବାୟତ। ସେପଟେ ସେବାୟତଙ୍କ କହିବା କଥା, ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଖଣ୍ଡୁଆ ପାଟ ଅତ୍ୟନ୍ତ ପବିତ୍ର। ଏଣୁ ନିୟମ ଅନୁଯାୟୀ ଶୁଦ୍ଧତା ସହ ବ୍ୟବହାର କରିବାକୁ ହେବ । ଚପଲ ପିନ୍ଧି କାନ୍ଧରେ ପକାଇବା କିମ୍ବା ଡିଜେ ଗୀତରେ ନାଚିବା ବେଳେ ବ୍ୟବହାର କରିବା ମହାପ୍ରଭୁଙ୍କ ପ୍ରତି ଅପମାନ ସହ ସମାନ । ଏହା ପରମ୍ପରା ବିରୋଧୀ କାର୍ଯ୍ୟ। ଏଭଳି କାର୍ଯ୍ୟ ତୁରନ୍ତ ବନ୍ଦ ହେବା ଦରକାର। ଏହି ପ୍ରସଙ୍ଗରେ ପୁରୀ ଜିଲ୍ଲାପାଳଙ୍କ କହିବା କଥା ହେଲା ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଖଣ୍ଡୁଆ ପାଟକୁ ଅସମ୍ମାନ କରିବା ଆଦୌ ଉଚିତ୍ ନୁହେଁ । ଏହା କୋଟି କୋଟି ଭକ୍ତଙ୍କ ଭାବନା ସହ ଜଡ଼ିତ । ଏଭଳି କାର୍ଯ୍ୟରୁ ସମସ୍ତେ କ୍ଷାନ୍ତ ରହିବାକୁ ସେ ଅନୁରୋଧ କରିଛନ୍ତି। ଭକ୍ତି ଦେଖାଇବା ପାଇଁ ଖଣ୍ଡୁଆ ପାଟକୁ ଭୁଲ୍ ଭାବେ ବ୍ୟବହାର କରିବା ଆବଶ୍ୟକ ନାହିଁ । ସମ୍ମାନ ହିଁ ପ୍ରକୃତ ଭକ୍ତି। ତେବେ ପ୍ରଶ୍ନ ଉଠୁଛି ଖଣ୍ଡୁଆ ପାଟକୁ କେମିତି ବ୍ୟବହାର କରିବା ଉଚିତ୍ ବୟୋଜ୍ୟେଷ୍ଠ ଓ ସେବାୟତମାନଙ୍କ ମତରେ, ଖଣ୍ଡୁଆ ପାଟ ପିନ୍ଧିବା ବେଳେ ଶୁଦ୍ଧତା ରଖିବା ଜରୁରୀ। ଚପଲ ବିନା, ପରିଷ୍କାର ଭାବେ ଏହାକୁ କାନ୍ଧରେ କିମ୍ବା ମୁଣ୍ଡରେ ରଖିବା ଉଚିତ୍। ପୂଜା, କୀର୍ତ୍ତନ, ଶୁଭ କାର୍ଯ୍ୟରେ ଏହାର ବ୍ୟବହାର ହୋଇପାରେ। କିନ୍ତୁ ଡିଜେ, ଡ୍ୟାନ୍ସ, ରିଲ୍ସ ପାଇଁ ଏହାକୁ ସାଧାରଣ କପଡ଼ା ଭଳି ବ୍ୟବହାର କରିବା ଠିକ୍ ନୁହେଁ। ନୂଆ ପିଢ଼ିଙ୍କୁ ଏ ବିଷୟରେ ସଚେତନ କରିବା ଆବଶ୍ୟକ ବୋଲି କହିଛନ୍ତି ସେବାୟତ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ସମୀକ୍ଷା

ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ



ବାଲେଶ୍ୱର, ୧୪/୧୧ନ୍ୟୁଜ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଡିଟୋରିୟମରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଏହି ବୈଠକରେ ରାଜସ୍ୱ ମନ୍ତ୍ରୀ ଜିଲ୍ଲାରେ ସାମ୍ପ୍ରତିକ ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର ଓ ପୁନର୍ବାସ କାର୍ଯ୍ୟର ଅଗ୍ରଗତି, ବନ୍ୟା ଦ୍ୱାରା ପ୍ରଭାବିତ ଲୋକମାନଙ୍କୁ ଫସଲ, ଘରବାଡ଼ି ଓ ଅନ୍ୟାନ୍ୟ ସମ୍ପତ୍ତିର କ୍ଷୟକ୍ଷତି ବାବଦରେ କ୍ଷତିପୂରଣ ପ୍ରଦାନର ସ୍ଥିତି ଏବଂ ସରକାରୀ ଜମିରୁ ବେଆଇନ ଜବରଦଖଲ ଉଚ୍ଛେଦ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ।

ବନ୍ୟା ପ୍ରଭାବିତ ପରିବାରଗୁଡ଼ିକୁ ସରକାରୀ ନିୟମ ଅନୁଯାୟୀ ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ, ପୁନରୁଦ୍ଧାର କାର୍ଯ୍ୟରେ ତ୍ୱରାନ୍ୱିତ ପଦକ୍ଷେପ ଏବଂ ସରକାରୀ ଜମିକୁ ଜବରଦଖଲମୁକ୍ତ କରିବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ସହିତ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ବାଲେଶ୍ୱର ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ବସ୍ତା ବିଧାୟିକା ସୁବାସିନୀ ଜେନା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ବାଲେଶ୍ୱର ଉପଜିଲ୍ଲାପାଳ ଶିବ ମାଲବ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ।

ଏହି ଅବସରରେ ବାଲେଶ୍ୱର ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର, ଅତିରିକ୍ତ ତହସିଲଦାର ଏବଂ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଏଥିରେ ଯୋଗଦେଇଥିଲେ।

ମାର୍ଚ୍ଚ ୧୨ରୁ ୨୭ ମାଟ୍ରିକ ପରୀକ୍ଷା : ଗଣିତ ପାଇଁ ମିଳିବ ଅତିରିକ୍ତ ୧୫ ମିନିଟ୍

କଟକ, ୧୪/୧୧ ନ୍ୟୁଜ ବ୍ୟୁରୋ

ଚଳିତବର୍ଷର ମାଟ୍ରିକ ପରୀକ୍ଷାକୁ ନେଇ ତାରିଖ ଘୋଷଣା କରିଛି ମାଧ୍ୟମିକ ଶିକ୍ଷା ବୋର୍ଡ। ଆସନ୍ତା ମାର୍ଚ୍ଚ ୧୨ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨୭ ତାରିଖରେ ଶେଷ ହେବ ଏହି ପରୀକ୍ଷା। ଏଥର ମଧ୍ୟ ପରୀକ୍ଷା ଗୋଟିଏ ସିଟିଂରେ ଅନୁଷ୍ଠିତ ହେବ। ସକାଳ ୯ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ପରୀକ୍ଷା ଚାଲିବାକୁ ଥିବାବେଳେ ଗଣିତ ବିଷୟ ପାଇଁ ପରୀକ୍ଷାର୍ଥୀଙ୍କୁ ଅତିରିକ୍ତ ୧୫ ମିନିଟ୍ ସମୟ ଦିଆଯିବ। ଏ ସମ୍ପର୍କରେ ବୋର୍ଡ ପକ୍ଷରୁ ଆନୁଷ୍ଠାନିକ ବିଜ୍ଞପ୍ତି ଜାରି ହୋଇଛି ।ବୋର୍ଡର ସୂଚନା ଅନୁଯାୟୀ, ମାଟ୍ରିକ ସହ ମଧ୍ୟମା ଏବଂ ଷ୍ଟେଟ୍ ଓପନ୍ ସ୍କୁଲ ପରୀକ୍ଷା ମଧ୍ୟ ସମାନ ସମୟସୀମା ମଧ୍ୟରେ ହେବ। ମାର୍ଚ୍ଚ ୧୨ରେ ପ୍ରଥମ ଭାଷା ସାହିତ୍ୟ ପରୀକ୍ଷାରୁ ଆରମ୍ଭ ହେବ ଲିଖିତ ପରୀକ୍ଷା। ଏହାପରେ ମାର୍ଚ୍ଚ ୧୫ରେ ବିଜ୍ଞାନ ଏବଂ ମାର୍ଚ୍ଚ ୧୭ରେ ଗଣିତ ପରୀକ୍ଷା ହେବ। ମାର୍ଚ୍ଚ ୧୮ରେ ଭିଜୁଆଲ୍ ଆର୍ଟର ପ୍ରାକ୍ଟିକାଲ୍ ପରୀକ୍ଷା ରହିଛି । ସେହିପରି ମାର୍ଚ୍ଚ ୧୯ ତାରିଖରେ ସାମାଜିକ ବିଜ୍ଞାନ, ମାର୍ଚ୍ଚ ୨୪ରେ ଦ୍ୱିତୀୟ ଭାଷା ଇଂରାଜୀ ଏବଂ ମାର୍ଚ୍ଚ ୨୫ରେ ହିନ୍ଦୀ ପରୀକ୍ଷା ଅନୁଷ୍ଠିତ ହେବ। ଶେଷରେ ମାର୍ଚ୍ଚ ୨୭ ତାରିଖରେ ସଂସ୍କୃତ ପରୀକ୍ଷା ସହ ସମସ୍ତ ପରୀକ୍ଷାର ସମାପ୍ତି ହେବ। ପରୀକ୍ଷା ସୂଚୀ ପ୍ରକାଶ ପାଇବା ପରେ ଏବେ ପରୀକ୍ଷାର୍ଥୀଙ୍କ ମଧ୍ୟରେ ପ୍ରସ୍ତୁତି ନେଇ ତତ୍ପରତା ବଢ଼ିବା ସ୍ୱାଭାବିକ। ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ବିଷୟର ପ୍ରସ୍ତୁତି ଶେଷ କରିବା ସହ ପରୀକ୍ଷା ପାଇଁ ଉପଯୁକ୍ତ ଯୋଜନା କରିବା ଉପରେ ଏବେ ଛାତ୍ରଛାତ୍ରୀଙ୍କ ନଜର ରହିବ।

ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୪/୧୧/୨୦୨୬
୮,୮୧,୦୮୧/-ଟଙ୍କା
ସୁନା:- ୦୧ ଗ୍ରାମ୍ ୦୫୦ମିଲିଗ୍ରାମ
ରୂପା:- ୫୮ ଗ୍ରାମ୍ ୮୦୦ମିଲିଗ୍ରାମ

ନବରଙ୍ଗପୁରରେ ୩ ଜୁଆଡ଼ି ଗିରଫ

ଉମରକୋଟ, ୧୪/୧୧ ନ୍ୟୁଜ ବ୍ୟୁରୋ

ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ ଜାମୁରୁଣ୍ଡା ପଞ୍ଚାୟତର ହାଟପଡ଼ିଆରେ ଚାଲିଥିବା ଏକ ବେଆଇନ ଜୁଆ ଆଡ୍ଡା ଉପରେ ଉମରକୋଟ ପୋଲିସ ଚଢ଼ଉ କରିଛି । ଏହି କାର୍ଯ୍ୟାନୁଷ୍ଠାନରେ ପୋଲିସ ୩ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୩ଟି ମୋବାଇଲ୍ ଫୋନ୍, ନଗଦ ୩,୭୩୭ ଟଙ୍କା ଏବଂ ୭ଟି ମୋଟରସାଇକେଲ ଜବତ କରିଛି ।

କିଟ୍‌ରେ ଅନ୍ତର୍ଜାତୀୟ ଆଇନ ସମ୍ମିଳନୀ

ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ଆଇସିଜେର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୧୪ ।୧୧ ନ୍ୟୁଜ ବ୍ୟୁରୋ

କିଟ୍ ଲ' ସ୍କୁଲ୍ ପକ୍ଷରୁ ଶନିବାର 'ବିଶ୍ୱଶାନ୍ତି ପ୍ରତି ଇଣ୍ଟରନ୍ୟାସନାଲ କୋର୍ଟ ଅଫ ଜଷ୍ଟିସ (ଆଇସିଜେ)ର ଅବଦାନ' ଶୀର୍ଷକ ଅନ୍ତର୍ଜାତୀୟ ଆଇନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଇଣ୍ଟରନ୍ୟାସନାଲ୍ କୋର୍ଟ ଅଫ୍ ଜଷ୍ଟିସ୍ (ଆଇସିଜେ)ର ପ୍ରେସିଡେଣ୍ଟ ଜଜ୍ ୟୁଜି ଇୱାସାୱା, ଜଜ୍ ଲିଓନାର୍ଡୋ ନେମର କାଲଡେରା ବ୍ରାଣ୍ଟ ଏବଂ ଜଜ୍ ବୋଗଦାନ-ଲୁସିଆନ୍ ଅରେସ୍କୁ ଯୋଗ ଦେଇଥିଲେ। ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ଅଶୋକ କୁମାର ପରିଜା, କୁଳପତି ପ୍ରଫେସର ସରଣଜିତ ସିଂହ, ଏମେରିଟସ୍ ପ୍ରଫେସର ଏନ୍.ଏଲ୍. ମିତ୍ର, ଉପକୁଳପତି ପ୍ରଫେସର ରାଜୁ କେ.ଡି.ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ ଉପରେ ଆଲୋକପାତ କରି



ପ୍ରତିଷ୍ଠିତ ଆଇସିଜେ ଆଇନଗତ ବିବାଦର ସମାଧାନ ପାଇଁ ଏକ ସ୍ୱାଧୀନ ଓ ନିରପେକ୍ଷ ମଞ୍ଚ ପ୍ରଦାନ କରୁଛି। ନ୍ୟାୟ, ଆଲୋଚନା ଏବଂ ଅନ୍ତର୍ଜାତୀୟ ଆଇନଗତ ଦାୟିତ୍ୱ ପ୍ରତି ସମ୍ମାନକୁ ସୁଦୃଢ଼ କରି ଆଇସିଜେ ବିଭିନ୍ନ ରାଷ୍ଟ୍ର ମଧ୍ୟରେ ଶାନ୍ତିପୂର୍ଣ୍ଣ ସଂପର୍କକୁ ପ୍ରୋତ୍ସାହିତ କରିଥାଏ। ଆଇସିଜେର ରାୟକୁ ସମ୍ମାନ ଦେବା ଓ କାର୍ଯ୍ୟକାରୀ କରିବା ସଂପୃକ୍ତ ରାଷ୍ଟ୍ରଗୁଡ଼ିକର ଦାୟିତ୍ୱ ବୋଲି ସେ କହିଥିଲେ।

ନ୍ୟାୟମୂର୍ତ୍ତି ଲିଓନାର୍ଡୋ ନେମର କାଲଡେରା ବ୍ରାଣ୍ଟ 'ଅନ୍ତର୍ଜାତୀୟ ଆଇନର ଉଦୀୟମାନ ଦିଗ, ମାନବାଧିକାର, ପରିବେଶ ସୁରକ୍ଷା ଓ ବୈଶ୍ୱିକ ଦାୟିତ୍ୱବୋଧ' ଉପରେ ଆଲୋକପାତ କରିଥିଲେ। ସେ କହିଲେ, ଅନ୍ତର୍ଜାତୀୟ ଆଇନର ପରିବର୍ତ୍ତିତ ଭୂମିକା ଏବେ କେବଳ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସୁନିଶ୍ଚିତ କରିବାରେ ସୀମିତ ନାହିଁ। ବରଂ ବହୁପକ୍ଷୀୟ ସହଯୋଗ, ମାନବାଧିକାର, ପରିବେଶ ସୁରକ୍ଷା ଓ ବୈଶ୍ୱିକ ଦାୟିତ୍ୱବୋଧକୁ ମଧ୍ୟ ଏହା ଗୁରୁତ୍ୱ ଦେଉଛି । ଏହି ପରିବର୍ତ୍ତନରେ ଅନ୍ତର୍ଜାତୀୟ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଭାବେ ଉଭା ହୋଇ ଅନ୍ତର୍ଜାତୀୟ ଆଇନ ବ୍ୟବସ୍ଥାର ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି ସେ କହିଥିଲେ। ନ୍ୟାୟମୂର୍ତ୍ତି ବୋଗଦାନ-ଲୁସିଆନ୍ ଅରେସ୍କୁ ସମୁଦ୍ର ଜଳସ୍ତର ବୃଦ୍ଧି ଯୋଗୁଁ ସୃଷ୍ଟି ହେଉଥିବା ଆହ୍ୱାନ ଉପରେ ଆଲୋକପାତ କରି କହିଲେ, ସମୁଦ୍ର ଜଳସ୍ତର ବୃଦ୍ଧି ଯୋଗୁଁ ଭାରତର ଦୀର୍ଘ ଉପକୂଳ ବିଶେଷଭାବେ ପ୍ରଭାବିତ ହେବାର ଆଶଙ୍କା ରହିଛି । ଏହା ଉପକୂଳବର୍ତ୍ତୀ ସହର, ଦ୍ୱୀପାଞ୍ଚଳ ଏବଂ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଜୀବିକା ପ୍ରତି ବିପଦ ସୃଷ୍ଟି କରୁଛି । ମୁମ୍ବାଇ, କୋଲକାତା, ଚେନ୍ନାଇ ଓ ବିଶାଖାପାଟଣା ଭଳି ସହରରେ ଉପକୂଳ ବନ୍ୟା, ଭୂକ୍ଷୟ ଓ ଜନବିସ୍ଥାପନର ଆଶଙ୍କା ବଢୁଥିବାବେଳେ ଲକ୍ଷଦ୍ୱୀପ ଏବଂ ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜ ମଧ୍ୟ ଗୁରୁତର ପରିବେଶଗତ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି । ଅନ୍ତର୍ଜାତୀୟ ଆଇନ ଆୟୋଗ ଏବଂ ଅନ୍ତର୍ଜାତୀୟ ନ୍ୟାୟାଳୟ ସାମୁଦ୍ରିକ ସୀମାର ସୁରକ୍ଷା, ରାଷ୍ଟ୍ରର ସାର୍ବଭୌମତ୍ୱ ଓ ନିରନ୍ତର ଅସ୍ତିତ୍ୱ ସହ ପ୍ରଭାବିତ ଜନସାଧାରଣଙ୍କ ମାନବାଧିକାର ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାର ମୁକାବିଲା ପାଇଁ ଭାରତ ନିମନ୍ତେ ଅନ୍ତର୍ଜାତୀୟ ସହଯୋଗ, ଜଳବାୟୁ ନ୍ୟାୟ ଓ ଆଇନଗତ ସୁରକ୍ଷା ଅତ୍ୟନ୍ତ ଆବଶ୍ୟକ ବୋଲି ସେ କହିଥିଲେ।

କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂହ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଫେସର ଏନ୍.ଏଲ୍. ମିତ୍ର ବିଷୟବସ୍ତୁ ଉପରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କୁଳାଧିପତି ଅଶୋକ କୁମାର ପରିଜା ଆଲୋଚନା ଅଧିବେଶନର ଶୁଭାରମ୍ଭ କରିଥିଲେ। ଏହି ଅଧିବେଶନରେ ବିଚାରପତିମାନଙ୍କ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଏବଂ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ ହୋଇଥିଲା। ଶ୍ରୀ ପରିଜା ଓ ପ୍ରଫେସର ରୋହିଣୀ ସେନ୍ ଏହି ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ଶେଷରେ କିଟ୍‌ର ଉପକୁଳପତି ପ୍ରଫେସର ରାଜୁ କେ.ଡି. ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଦ୍ୱିତୀୟ କିଟ୍ ଅନ୍ତର୍ଜାତୀୟ ମୁଟ୍ କୋର୍ଟ ପ୍ରତିଯୋଗିତା-୨୦୨୬ର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ମୋଟ ୩୩ ଲକ୍ଷ ୯୦ ହଜାର ଟଙ୍କାର ନଗଦ ପୁରସ୍କାର ରାଶି ପ୍ରଦାନ କରାଯାଇଥିବା ବେଳେ ପୁଣେସ୍ଥିତ ସିମ୍ବାୟୋସିସ୍ ଇଣ୍ଟରନ୍ୟାସନାଲ୍ ବିଜେତା ହୋଇ ୨ ଲକ୍ଷ ଟଙ୍କାର ପୁରସ୍କାର ହାସଲ କରିଥିଲା। ମହାରାଷ୍ଟ୍ର ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ଛତ୍ରପତି ସମ୍ଭାଜୀନଗର ଉପବିଜେତା ହୋଇ ୧ ଲକ୍ଷ ଟଙ୍କା ପୁରସ୍କାର ଲାଭ କରିଥିଲା। ସେହିପରି ପାଟନାସ୍ଥିତ ଚାଣକ୍ୟ ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟର ଛାତ୍ର ନିରାଲ ରାଘବ ଶ୍ରେଷ୍ଠ ଗବେଷକ, ଦିଲ୍ଲୀସ୍ଥିତ ଗୁରୁ ଗୋବିନ୍ଦ ସିଂହ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟର ବୃନ୍ଦା ତନୱାର ଶ୍ରେଷ୍ଠ ବକ୍ତା ଏବଂ ସିମ୍ବାୟୋସିସ୍ ଦଳ ଶ୍ରେଷ୍ଠ ମେମୋରିଆଲ୍ ପୁରସ୍କାର ହାସଲ କରିଥିଲେ। ପ୍ରତ୍ୟେକଙ୍କୁ ବ୍ୟକ୍ତିଗତ ପୁରସ୍କାର ବାବଦରେ ୩୦ ହଜାର ଟଙ୍କା ଲେଖାଏଁ ନଗଦ ରାଶି ପ୍ରଦାନ କରାଯାଇଥିଲା।

ହାଇକୋର୍ଟରେ ବିଚାରପତି ସଙ୍କଟ

ଫଇସଲା ଅପେକ୍ଷାରେ ୧,୭୦,୩୪୬ ମାମଲା

କଟକ, ୧୪/୧୧ ନ୍ୟୁଜ ବ୍ୟୁରୋ

ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ହ୍ରାସ ଏବଂ ମାମଲା ଜମା ହେବାର ବଢୁଥିବା ଧାରା ଏବେ ନ୍ୟାୟିକ ବ୍ୟବସ୍ଥା ପାଇଁ ଚିନ୍ତାର କାରଣ ପାଲଟିଛି । ଏଭଳି ସ୍ଥିତିରେ ହାଇକୋର୍ଟର ଖାଲି ପଡ଼ିଥିବା ବିଚାରପତି ପଦବୀଗୁଡ଼ିକୁ ଶୀଘ୍ର ପୂରଣ କରିବାକୁ ଦାବି